କାଦୋପଡ଼ାରେ ନିମ୍ନମାନର କଂକ୍ରିଟ ନାଳ ନିର୍ମାଣ ଘଟଣା

# କାର୍ଯ୍ୟାନୁଷ୍ଠାନ ପାଇଁ ଏନ୍‌ଏସି ଇଓଙ୍କ ସାହସ ପାଉନି

**ଠିକାଦାର ଶାସକ ଦଳର**

**ଦୁର୍ନୀତି ଚାପିଦେବାକୁ ଉଦ୍ୟମ**

**ଭିଜିଲାନ୍ସର ଦ୍ୱାରସ୍ଥ ହେବେ ପଡ଼ାବାସୀ**

ପାଟଣାଗଡ଼,୪।୬ (ସମିସ)

ପାଟଣାଗଡ଼ ସହରର କାଦୋପଡାରେ ନିମ୍ନମାନର ଡ୍ରେନ ନିର୍ମାଣ କାମ ଚାଲିଥିବା ଜଳ ଜଳ ହୋଇ ଦିଶୁଛି। ଆଣ୍ଠୁଏ ପାଣି ଭିତରେ କଂକ୍ରିଟକରଣ ସହ ରଡ୍ ବାଇଣ୍ଡିଙ୍ଗ କାମ ହେଉଛି। ଠିକାଦାର ଶାସକ ଦଳର ହୋଇଥିବାରୁ ଏନଏସି ଇଓଙ୍କ କାର୍ଯ୍ୟାନୁଷ୍ଠାନ ନେବାକୁ ସାହସ ପାଉନି। ଯେତେ ଅଭିଯୋଗ କରିବ କର। ଯାହା ପାଖକୁ ଯିବ ଯାଅ। କେହି ବିଲ୍ ବନ୍ଦ କରିପାରିବନି ବୋଲି ଠିକାଦାର କହି ବୁଲୁଛନ୍ତି। ପଡ଼ାବାସୀ ବାରମ୍ବାର ଅଭିଯୋଗ ଆଣୁଥିଲେ ବି ଏନଏସି ଇଓଙ୍କଠାରୁ ଆରମ୍ଭ କରି କେହି ଶୁଣିବାକୁ ନାରାଜ। ଠିକାଦାର ଶାସକ ଦଳର ହୋଇଥିବାରୁ ନିର୍ଭୟରେ ନିମ୍ନମାନର କାମ ଚାଲିଛି। ପିସି ଚାପରେ ନିମ୍ନମାନର କାମକୁ ଚାପି ଦିଆଯାଉଥିବା ଲୋକେ ଅଭିଯୋଗ ଆଣିଛନ୍ତି। ଏନଏସି ଇଓ ନାରାୟଣ ଦଣ୍ଡସେନା କାର୍ଯ୍ୟାନୁଷ୍ଠାନର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ପିସି ଚାପରେ ତାଙ୍କ ପାଟି ମଧ୍ୟ ଚାପି ହୋଇଯାଇଥିବା ପଡ଼ାବାସୀ କହୁଛନ୍ତି। ଘଟଣା ଚାପିଦେଇ ୨ କୋଟି ଟଙ୍କାର କାମକୁ ୧ କୋଟି ଟଙ୍କାରେ ସାରି ବାକିତକ ଚଳୁ କରିଦେବାକୁ ଠିକାଦାର ଜଣକ ପ୍ରାଣପଣେ ଉଦ୍ୟମ ଜାରି ରଖିଥିବା ପଡ଼ାବାସୀ ସିଧାସଳଖ ଅଭିଯୋଗ ଆଣୁଛନ୍ତି। ଅନ୍ୟପଟେ ନିମ୍ନମାନର ଡ୍ରେନ୍ ନିର୍ମାଣ ଯୋଗୁ ସ୍ଥାୟିତ୍ୱକୁ ନେଇ ପଡ଼ାବାସୀ ପ୍ରଶ୍ନ ଉଠାଇଛନ୍ତି। ବର୍ଷା ସମୟରେ ପୁଣି ଯଦି ଡ୍ରେନ ପାଣି ପଡାରେ ଜମାହୁଏ ତେବେ କିଏ ଦାୟି ରହିବ ବୋଲି ଲୋକେ ଅଭିଯୋଗ ଆଣିଛନ୍ତି। ଏ ଘଟଣାରେ ନିମ୍ନମାନର ଡ୍ରେନ କାମ ସମୟର ସମସ୍ତ ପ୍ରମାଣ ସହ ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହେବା ସହ ଆବଶ୍ୟକ ହେଲେ ଏହି ମାମଲା କୋର୍ଟ ପର୍ଯ୍ୟନ୍ତ ଯିବ ବୋଲି ପଡାର କିଛି ସଚେତନ ନାଗରିକ 'ସକାଳ'କୁ କହିଛନ୍ତି।

## କିଣାଯାଉନି ରବିଧାନ; ଚିନ୍ତାରେ ଚାଷୀ

ଦେଓଗାଁ,୪।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ୧୨ଟି କୃଷିସେବା ସମବାୟ ସମିତି ଜରିଆରେ ରବିଧାନ କିଣାଯିବା ପାଇଁ ସ୍ଥିର ହୋଇଛି। ଏଥିପାଇଁ ପେକ୍ସଗୁଡ଼ିକରେ ରବିଧାନ କ୍ରୟ ଲାଗି ଉଦ୍‌ଘାଟନ କରାଯାଇଛି; ହେଲେ ଅଦ୍ୟାବଧି କୌଣସି ପେକ୍ସରେ ଧନକ୍ରୟ ଆରମ୍ଭ ହୋଇପାରୁନାହିଁ। ଏହାଫଳରେ ରବିଧାନ ଅମଳ କରି ନିଜକ୍ଷେତରେ ଗଚ୍ଛିତ ରଖିଥିବା ଚାଷୀ ଏବେ ଘୋର ଚିନ୍ତାରେ ପଡିଥିବା ଅଭିଯୋଗ ହୋଇଛି।

ଚଳିତବର୍ଷ ବ୍ଲକର ୧୨ଟି ପେକ୍ସରେ ୨୦୭୧ ଜଣ ଚାଷୀ ରବିଧାନ ବିକ୍ରି କରିବା ପାଇଁ ପଞ୍ଜୀକରଣ କରିଛନ୍ତି। ଦେଓଗାଁ ପେକ୍ସରେ ୧୨୮, କୁତୁର୍ଲାରେ ୨୧୬, ବଡବନ୍ଧରେ ୧୬୭, ସାରସମାଲରେ୧୯, ଧଣ୍ଡାମାଲରେ ୭୨, ବନ୍ଧପଡାରେ ୭୩, ରାମଚନ୍ଦ୍ରପୁର ପେକ୍ସରେ ୧୨୩, ଜରାସିଂହାରେ ୧୧୮, ମହଲାଇରେ ୯୪, ଉପରଝରରେ ୧୧୨, ଅର୍ଜୁନପୁରରେ ୧୫୧ ଓ ଗୌରଗୋଠ ପେକ୍ସରେ ୫୨୦ଜଣ ଚାଷୀ ଧାନ ବିକ୍ରି କରିବା ପାଇଁ ପଞ୍ଜିକୃତ କରିଛନ୍ତି। ଏଥିପାଇଁ ଚାଷୀଙ୍କ ନିକଟକୁ ଟୋକନ ମଧ୍ୟ ଆସିଛି; ହେଲେ ଏଯାଏ କୌଣସି ପେକ୍ସକୁ ଟାର୍ଗେଟ ଆସି ନ ଥିବାରୁ ଧାନକିଣା ଆରମ୍ଭ ହୋଇପାରିନାହିଁ। ଏବେ ଅଦିନିଆ ବର୍ଷା ଚାଷୀଙ୍କ ଲାଗି ଚିନ୍ତା ଘାରିଛି। ଅନେକ ଚାଷୀ ଅମଳ ଧାନକୁ ଗଚ୍ଛିତ ରଖିବା ପାଇଁ ଘରେ ଜାଗା ନ ଥିବାର କ୍ଷେତରେ ରଖିଛନ୍ତି। ଧାର କରଜ କରି ଚାଷ କରିଥିବା ଚାଷୀ କେମିତି ଋଣ ସୁଝିବ ସେନେଇ ଚିନ୍ତାରେ ପଡିଛନ୍ତି। ପେକ୍ସଗୁଡ଼ିକକୁ ଟ୍ୟାଗ ହୋଇଥିବା ଧାନମିଲ୍‌ଗୁଡିକରେ ଖରିଫ ଧାନର ଚାଉଳ ଉଠିନି। ଏଣୁ ମିଲ୍‌ରେ ଧାନ ଗଚ୍ଛିତ ରଖିବା ପାଇଁ ଜାଗା ଅଭାବ ଦର୍ଶାଇ ରବିଧାନ ଉଠାଇବା ପାଇଁ ମିଲ୍ ମାଲିକମାନେ ନାରାଜ ହେଉଛନ୍ତି।

● କ୍ୱାକ୍ ଚିକିତ୍ସାର ପରିଣାମ

## ପୁଣି ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀମୃତ୍ୟୁ

କଣ୍ଟାବାଞ୍ଜି/ମୁରିବାହାଲ,୪।୬(ସମିସ): ବଲାଙ୍ଗୀର ଜିଲ୍ଲା ମୁରିବାହାଲ ବ୍ଲକରେ ଦିନକୁ ଦିନ କ୍ୱାକ୍‌ଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏମାନେ ମନଇଚ୍ଛା ରୋଗୀଙ୍କ ଚିକିତ୍ସା କରୁଛନ୍ତି। ଭୁଲ୍ ଇଞ୍ଜେକ୍ସନ ଯୋଗୁଁ ରୋଗୀଙ୍କ ଜୀବନ ଚାଲି ଯାଉଥିବା ଅଭିଯୋଗ ଆସୁଛି। ଗୁରୁବାର ପୁଣି ସେହିଭଳି ଏକ ଘଟଣା ଘଟିଛି। ମୁରିବାହାଲ ଥାନା ଅଧୀନ ପତ୍ରାପାଲି ପଞ୍ଚାୟତ ଅଇଁଲାଭଟା ଗାଁର ଦକ୍ଷଣ ମାହାନନ୍ଦ (୫୨)ଙ୍କ ଜୀବନ ଯାଇଛି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହେତୁ ଘର ଲୋକେ ଚିକିତ୍ସା ପାଇଁ ଗାଁ ପାଖ ଲିମପଡ଼ା ଗାଁର କ୍ୱାକ୍ ଶ୍ୟାମ ସାହୁଙ୍କୁ ଫୋନ କରିଥିଲେ। ଶ୍ୟାମ ପହଞ୍ଚି ୨ଟି ଇଞ୍ଜେକ୍ସନ ମଧ୍ୟ ଦେଇଥିଲେ। ତାପରେ ରୋଗୀଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇ ପଡିଥିଲା। ଏଣୁ ପରିବାର ଲୋକେ କଣ୍ଟାବାଞ୍ଜି ଡାକ୍ତରଖାନା ନେଇଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ଏହିଭଳି ଭାବେ କ୍ୱାକ୍ ଚିକିତ୍ସାକୁ ଭରସା କରୁଥିବା ଜଣେ ପରେ ଜଣେ ରୋଗୀ ଆଖି ବୁଜୁଛନ୍ତି। ବଲାଙ୍ଗୀର ଜିଲ୍ଲା ପ୍ରଶାସନ କ୍ୱାକ୍‌ଙ୍କ ବିରୋଧ କୌଣସି କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନି। ତେବେ ଦକ୍ଷଣଙ୍କ ମୃତ୍ୟୁ ପରେ ପରିବାର ବେସାହାରା ହୋଇପଡିଛନ୍ତି। ସେ ପରିବାରରେ ଏକମାତ୍ର ରୋଜଗାରିଆ ଥିଲେ। ତାଙ୍କ ମୃତ୍ୟୁ ପରେ ଝିଅ ଓ ସ୍ତ୍ରୀ ଭାଙ୍ଗି ପଡିଛନ୍ତି। ପଡ଼ିଛନ୍ତି।

## ଧାରଣାରୁ ଓହରିଲା ଡୁମେରତଲେନ ବଣିକ ସଂଘ





ଖପ୍ରାଖୋଲ,୪।୬ (ସମିସ): ମାଁ ଡୁମେରତଲେନ ବଣିକ ସଂଘ ଆନ୍ଦୋଳନରୁ ଓହରିଛି। ବ୍ଲକ୍ ସମ୍ମୁଖରେ ସଂଘ ୪ ଦିନ ହେବ ନିଜ ହକ୍ ପାଇଁ ଶାନ୍ତିପୂର୍ଣ୍ଣ ଭାବେ ଧାରଣାରେ ବସିଥିଲା। ରାସ୍ତା ପ୍ରଶସ୍ତୀକରଣ ନାଁରେ ପ୍ରଶାସନ ବ୍ୟବସାୟୀଙ୍କ ଦୋକାନୀ ଭାଙ୍ଗି ଦେଇଛି। ବର୍ଷେ ହେଲା କିନ୍ତୁ ଥଇଥାନ କରୁନି। ଏନେଇ ବଣିକ ସଂଘ ଧାରଣାରେ ବସିଥିଲା। ଗୁରୁବାର ପୂର୍ବତନ ପାଟଣାଗଡ଼ ବିଧାୟକ ସରୋଜ ମେହେର ଆନ୍ଦୋଳନକାରୀଙ୍କ ସହ ଯୋଗ ଦେଇ ବିଡିଓ ବିବେକାନନ୍ଦ ଷଡ଼ଙ୍ଗୀଙ୍କ ସହ ଆଲୋଚନା କରିଥିଲେ। ବିଡିଓଙ୍କ ପ୍ରତିଶ୍ରୁତି ପରେ ବଣିକ ସଂଘ ଆନ୍ଦୋଳନରୁ ଓହରିଥିଲେ। ଯନ୍ତ୍ରୀ ରାଜକିଶୋର ନାଏକ, ସଂଘର ବାଳଗୋପାଳ ଦାସ, ବିଜୁ ବାରିକ, ରାଜୁ ସାହୁ, ଅଜିତ ହଂସ, ଗୋପାଳ ପୁରୋହିତ, ସନ୍ତୋଷ ପଧାନ, ତେଜୁ ରୋହିଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ବୈଷୟିକ ଶିକ୍ଷା ପାଠ୍ୟକ୍ରମ ପାଇଁ ପରାମର୍ଶ ଶିବିର




ବଲାଙ୍ଗିର,୪।୬ (ସମିସ): ବଲାଙ୍ଗିର ଆଇଟିଆଇରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ତରଫରୁ ବୈଷୟିକ ଶିକ୍ଷା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଯାଇଛି। ଦିଗମ୍ବର କର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବିକ୍ରମ ପଣ୍ଡା ଯୋଗ ଦେଇଥିଲେ। ଦୟାନିଧି ବାଗ ତାଲିମ୍ ଓ ପରାମର୍ଶ ଦେଇଥିଲେ। ଆଇଟିଆଇ ଅଧକ୍ଷ ସାମ ଓରାମ ବିଭିନ୍ନ ଟ୍ରେଡର ପାଠ୍ୟକ୍ରମ ସହିତ ନିଯୁକ୍ତି ଓ କ୍ୟାମ୍ପସର ଗ୍ୟାରେଣ୍ଟି ଉପରେ ଉପସ୍ଥାପନା କରିଥିଲେ। ପ୍ରମୋଦ ବଗର୍ତ୍ତି, ଆଇଟିଆଇର ରାଜୀବ ଲୋଚନ ପଣ୍ଡା, ଜିତେନ୍ଦ୍ର ସୁନା, ଭୁବନ ମହାନ୍ତି, ଦୀପିକ ଦାସ, ସୁଧାଂଶୁଶେଖର କୁମ୍ଭାର ପ୍ରମୁଖ ଉପସ୍ଥିତ ଥିଲେ।

## 'ରାଜେନ୍ଦ୍ର' କୁଳପତିଙ୍କ ସହ ନରସିଂହଙ୍କ ଆଲୋଚନା



ବଲାଙ୍ଗିର,୪।୬(ସମିସ): ରାଜେନ୍ଦ୍ର ବିଶ୍ୱ ବିଦ୍ୟାଳୟ କୂଳପତି ବିଭୁତି ଭୂଷଣ ମଲ୍ଲିକ ଓ କୂଳ ସଚିବ ହରପ୍ରସାଦ ଭୋଇଙ୍କୁ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ଭେଟିଛନ୍ତି। ଏହି ଅବସରରେ ବିଶ୍ୱ ବିଦ୍ୟାଳୟର ବିଭିନ୍ନ ସମସ୍ୟା ନେଇ ନେଇ ଶ୍ରୀ ମିଶ୍ର ଆଲୋଚନା କରିଛନ୍ତି। ଏହି ଆଲୋଚନା ବେଳେ ଛାତ୍ରନେତା ଚିନ୍ମୟ ବେହେରା, ଅଙ୍କିତ ସାହୁ, ସୋହନ ସୁନ୍ଦର ନାଏକ, ପଞ୍ଚାନନ ଷାଣ୍ଢ, ଅମୀୟ ବଗର୍ତ୍ତି, ଜିତେନ ମନହିରା, ତାପସ ମିଶ୍ର, ସୁମନ ସ୍ୱାଇଁ, ଶ୍ରୀକାନ୍ତ ବେହେରା, ପୁରାତନ ଛାତ୍ର ବ୍ୟାସଦେବ ନନ୍ଦ, ଦିନେଶ ପ୍ରସାଦ ଦାନି ଏବଂ ହିମାଂଶୁ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଶ୍ୱ ବିଦ୍ୟାଳୟରେ ହଷ୍ଟେଲ ମରାମତି, ହଷ୍ଟେଲର କ୍ଷମତା ବଢାଇବା, ଆଇନ, ସାମ୍ବାଦିକତା, ବିସିଏ, ଏମ୍‌ସିଏ, ବିଟେକ୍, ଏମ୍‌ଟେକ୍ ଇତ୍ୟାଦି ପାଠ୍ୟକ୍ରମ ଖୋଲିବାକୁ ଛାତ୍ର ନେତା ତଥା ପୁରାତନ ଛାତ୍ରମାନେ କୁଳପତିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ।

## ବିଧାୟକଙ୍କ ସହ ରେଳ ଉପଭୋକ୍ତା ସଂଘର ଆଲୋଚନା



ବଲାଙ୍ଗିର,୪।୬ (ସମିସ): ସ୍ଥାନୀୟ ଶୈଳେଶ୍ରୀ ପ୍ୟାଲେସଠାରେ ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କୁ ରେଳ ଉପଭୋକ୍ତା ସଂଘ ଭେଟିଛି। ସଭାପତି ପ୍ରଫେସର ତରୁଣ ମିଶ୍ରଙ୍କ ନେତୃତ୍ୱରେ ପ୍ରତିନିଧି ଦଳ କଳିକେଶଙ୍କୁ ଭେଟିଥିଲେ। ବିଭିନ୍ନ ଦାବି ନେଇ ଏମାନେ ବିଧାୟକଙ୍କ ସହ ଆଲୋଚନା କରିବା ସହ ଦାବିପତ୍ର ଦେଇଥିଲେ।

ବିଶେଷତଃ ବଲାଙ୍ଗିରରେ ପିଟ୍ ଲାଇନ ପ୍ରତିଷ୍ଠା, ଦିଲ୍ଲୀ ବା ପ୍ରୟାଗରାଜକୁ ଏକ ସିଧାସଳଖ ଟ୍ରେନ, ଭୁବନେଶ୍ୱରକୁ ଯାଇ ଫେରି ଆସିବା ପରି ଏକ ସକାଳୁଆ ଟ୍ରେନ ପାଇଁ ଦାବି ରହିଛି। ବିଧାୟକ ପ୍ରାୟ ଅଧଘଣ୍ଟା ସମୟ ଦେଇ ସମସ୍ତ ଦାବିକୁ ଶୁଣିଥିଲେ। କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଏ ବିଷୟରେ ଜଣାଇବେ ବୋଲି ପ୍ରତିଶ୍ରୁତି ଦେଲେ। ସେହିଭଳି ସଦସ୍ୟମାନେ ଇସ୍ପାତ ଟ୍ରେନର ବିଳମ୍ବ, ପୁରୀ-ସମ୍ବଲପୁର ଇଣ୍ଟରସିଟିକୁ ବଲାଙ୍ଗିର ପର୍ଯ୍ୟନ୍ତ ସଂପ୍ରସାରିତ କରିବା ପାଇଁ ଦାବି ରଖିଥିଲେ। ପ୍ରତିନିଧି ଦଳରେ ବିମଳ ଚକ୍ରବର୍ତ୍ତି, ଗୋପବନ୍ଧୁ ପୁରୋହିତ, ପ୍ରଭାକର ମିଶ୍ର, ଦିବାକର ହୋତାଙ୍କ ସହ ମାଲପଡା ନାଗରିକ କମିଟିର ଅମୀୟ ମିଶ୍ର ମଧ୍ୟ ଆଲୋଚନାରେ ଭାଗ ନେଇଥିଲେ।

## ଦେଓଗାଁ ଶୀତଳଷଷ୍ଠୀ ପାଇଁ ପ୍ରସ୍ତୁତି

ଦେଓଗାଁ,୪।୬(ସମିସ): ଦେଓଗାଁ ଶୀତଳ ଷଷ୍ଠୀ ଉତ୍ସବ ପାଇଁ ସ୍ଥାନୀୟ ଯୋଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଗୁରୁବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ଘନଶ୍ୟାମ ବାରିକ ସଭାପତିତ୍ୱ କରିଥିଲେ। କମିଟିର କର୍ମକର୍ତ୍ତା ଯୋଗଦେଇ ଯୋଗେଶ୍ୱର ବାବାଙ୍କ ବିବାହୋତ୍ସବ ଆଡମ୍ବରପୂର୍ଣ୍ଣ ଭାବେ କରିବା ପାଇଁ ଆଲୋଚନା କରିଥିଲେ। ବରକନ୍ୟାଙ୍କ ମାତାପିତା ଚୟନ କରାଯାଇଛି। ସେହିଭଳି ଉତ୍ସବ ସୁପରିଚାଳନା ପାଇଁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ବୈଠକରେ ପୂର୍ବତନ ସରପଞ୍ଚ ଚନ୍ଦ୍ରଚୂଡ ବେହେରା, ଗୌରୀଶଙ୍କର ଥନାପତି, ଆଜେନ୍ଦ୍ର ସାହୁ, ଶିବାନନ୍ଦ କର୍ତ୍ତି, ସୁଶାନ୍ତ ପନୁଆଁ, ଗୋବର୍ଦ୍ଧନ ଦଲାଇ, ହନକ ବାରିକ, ବିରେନ ଯୁଏଡ, କ୍ଷୀରୋଦ୍ର ସେଠ, ଶୁଭ୍ରାଂଶୁ ନାୟକଙ୍କ ସହ କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଜବରଦଖଲ ଉଚ୍ଛେଦରେ ପାତରଅନ୍ତର

ସଇଁତଲା,୪।୬(ସମିସ): ସଇଁତଲା ଅଞ୍ଚଳରେ ଚାଲିଥିବା ଜବରଦଖଲ ଉଚ୍ଛେଦ ଅଭିଯାନକୁ ନେଇ ପାତର ଅନ୍ତର ଅଭିଯୋଗ ଉଠିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଗରିବ ଏବଂ ଅସହାୟ ପରିବାରଙ୍କ ଘର ଓ ଦୋକାନ ଉପରେ ପ୍ରଶାସନ କଠୋର କାର୍ଯ୍ୟାନୁଷ୍ଠାନ ନେଉଛି। ପ୍ରଭାବଶାଳୀ ଓ ବଡ଼ବଡ଼ିଆଙ୍କ ଜବରଦଖଲ ଉପରେ କିନ୍ତୁ ସମାନ ଭାବରେ କାର୍ଯ୍ୟାନୁଷ୍ଠାନ ହେଉ ନ ଥିବା ଦେଖିବାକୁ ମିଳୁଛି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁସାରେ ବର୍ଷ ବର୍ଷ ଧରି ସରକାରୀ ଜମି ଦଖଲ କରିଥିବା କିଛି ପ୍ରଭାବଶାଳୀ ବ୍ୟକ୍ତିଙ୍କ ବିରୋଧରେ ପ୍ରଶାସନ ନିରବ ରହିଛି; ହେଲେ ଜୀବିକା ନିର୍ବାହ ପାଇଁ ଛୋଟ ଦୋକାନ କିମ୍ବା ଝୁପୁଡ଼ି କରିଥିବା ଗରିବ ଲୋକଙ୍କୁ ଉଚ୍ଛେଦ କରାଯାଉଛି। ଏହାକୁ ନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢିଛି। ଏହି ପ୍ରସଙ୍ଗରେ ତହସିଲଦାରଙ୍କ ପ୍ରତିକ୍ରିୟା ନେବାକୁ ଯାଇଥିବା ବେଳେ ସେ ସ୍ପଷ୍ଟ ଉତ୍ତର ଦେବା ପରିବର୍ତ୍ତେ 'ଫାଲତୁ କଥାବାର୍ତ୍ତା କରନାହିଁ' ବୋଲି କହିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସାମ୍ବାଦିକ ମହଲ ଓ ସାଧାରଣ ଲୋକଙ୍କ ମଧ୍ୟରେ ମଧ୍ୟ ପ୍ରଶ୍ନ ଉଠିଛି।



## ଜାତୀୟ ଜୁନିୟର କିକ୍ ବକ୍ସିଂରେ ସଫଳତା





ବଲାଙ୍ଗିର,୪।୬(ସମିସ): ଖୋର୍ଦ୍ଧାର କେଟି ଗ୍ଲୋବାଲ ସ୍କୁଲରେ ୫ ଦିନ ପର୍ଯ୍ୟନ୍ତ ଜାତୀୟ ଜୁନିୟର କିକ୍ ବକ୍ସିଂ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବଲାଙ୍ଗିର ଆମ୍ବେରର କିକ୍ ବକ୍ସିଂ ସଂଘର ପ୍ରଶିକ୍ଷକ ଚନ୍ଦ୍ରଶେଖର ସେଠଙ୍କ ତତ୍ତ୍ୱାବଧାନରେ ଅଭିପ୍ସା ହୋତା ଓ କିରନ ସେଠ ଭାଗ ନେଇଥିଲେ। କିକ୍ ବକ୍ସିଂ ଚାମ୍ପିଅନସିପ୍‌ରେ ଅଭିପ୍ସା ୨ଟି ସ୍ୱର୍ଣ୍ଣ ପଦକ, ଗୋଟିଏ କାଂସ୍ୟ ପଦକ ଜିତିଛନ୍ତି। ସେହିଭଳି କିରନ୍ ସେଠ ଗୋଟିଏ ରୌପ୍ୟ ଓ ଗୋଟିଏ କାଂସ୍ୟ ପଦକ ହାସଲ କରିଥିଲେ। ଏହି ସଫଳତାରେ ସ୍ପୋର୍ଟ୍ସ ଅଫିସର ପରାଶର ବାଗ, ରାଜ୍ୟର କିକ୍ ବକ୍ସିଂ ସଂଘର ସଭାପତି କର୍ତ୍ତିକ ଡାକୁଆ, କିକ୍ ବକ୍ସିଂ ସଂଘର ସଭାପତି ଅଯୋଧ୍ୟା ମିଶ୍ର, ସଂପାଦକ ଭଗବାନ କୁମ୍ଭାର, କରାଟେ ସଂଘର ସଂପାଦକ ହୃଦୟ ଶବର, ବଦ୍ରିନାଥ ହୋତା, ମୁରଲି ମହାକୁର, ସୁରେନ୍ଦ୍ର ସାହୁ, ମାନଗୋବିନ୍ଦ ମେହେର, ରାଜେନ୍ଦ୍ର ବାଗ ଏବଂ ଅଭିଭାବକମାନେ ଶୁଭେଚ୍ଛା ଜଣାଇଛନ୍ତି।

ସିଏମ୍ ଟ୍ରଫି ଫୁଟ୍‌ବଲ

## ବାଳକ, ବାଳିକା ଉଭୟ ବର୍ଗରେ ବରଗଡ଼ ଓ ସମ୍ବଲପୁର ବିଜୟୀ



ବଲାଙ୍ଗିର,୪।୬(ସମିସ)

ବଲାଙ୍ଗିର ଗାନ୍ଧୀ ଷ୍ଟାଡ଼ିୟମରେ ଆନ୍ତଃ ଜିଲ୍ଲା ୧୪ ବର୍ଷ ବାଳକ ଓ ବାଳିକା ସିଏମ୍ ଟ୍ରଫି-୨୦୨୬ ଫୁଟବଲ ଚାମ୍ପିୟନସିପ୍‌ର ଚତୁର୍ଥ ଦିବସ ବାଳକ ବର୍ଗ ପ୍ରଥମ ଖେଳରେ ବରଗଡ଼ ୧-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି। ଅତିଥି ଭାବେ ବଲାଙ୍ଗିର ଜିଲ୍ଲା ଶାରୀରିକ ଶିକ୍ଷା ଅଧିକାରୀ ପ୍ରଦୀପ ପାତ୍ର ଓ କ୍ରୀଡ଼ା ସଂସଦର କୋଷାଧ୍ୟକ୍ଷ ହେମନ୍ତ ବେହେରା ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ, ଫୁଟବଲ ସଂପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ଶୁଭ୍ରଜିତ ସ୍ୱାଇଁ, ସଞ୍ଜନ କୁଦେଇ, ମଳୟ ଘିଭେଲା ଓ ଦେବାଶିଷ ବାଗ ପରି.ଳନା କରିଥିଲେ। ବାଳକ ବର୍ଗ ଦ୍ୱିତୀୟ ଖେଳରେ ସମ୍ବଲପୁର ୬-୨ ଗୋଲରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଛି। ବଲାଙ୍ଗିର ଜିଲ୍ଲା ସଂସ୍କୃତି ଅଧିକାରୀ ରଶ୍ମିରଞ୍ଜନ ମିଶ୍ର ଓ କ୍ରୀଡ଼ା ସଂସଦର ଯୁଗ୍ମ ସଂପାଦକ ଶତ୍ରୁଘ୍ନ ସିଂ ଅତିଥି ଭାବେ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ପରାସର ବାଗ, ଫୁଟବଲ ସଂପାଦକ ଶରତ ନନ୍ଦ ଓ ବରିଷ୍ଠ ସଦସ୍ୟ ଡା. ସିଦ୍ଧେଶ୍ୱର ମିଶ୍ର ମଞ୍ଚାସୀନ ଥିଲେ। ସଞ୍ଜନ କୁଦେଇ, ଯଶୋବନ୍ତ ମାଝୀ, ଗୌରହରି ପୁଟେଲ ଓ ଜିତେନ୍ଦ୍ର ପାତ୍ର ପରି.ଳନା କରିଥିଲେ। ଉଭୟ ବାଳକ ବର୍ଗ ଖେଳରେ ନବୀନ ନାଏକ ମ୍ୟାଚ୍ କମିଶନର ଥିଲେ।

ସେହିପରି ସଦାଇପାଲି ପଲ୍ଲିଶ୍ରୀ ଷ୍ଟାଡ଼ିୟମରେ ବାଳିକା ବର୍ଗ ପ୍ରଥମ ଖେଳରେ ବରଗଡ଼ ୧୨-୦ ଗୋଲରେ ସୁବର୍ଣ୍ଣପୁରକୁ ହରାଇ ବିଜୟୀ ହୋଇଛି। ଖେଳକୁ ସୀତା ମାରାଣ୍ଡି, ପପୁନ ବେହେରା, ମନୋରଞ୍ଜନ ମାଝୀ ଓ ଅନିତା ମହାନନ୍ଦ ପରି.ଳନା କରିଥିଲେ। ଅପରାହ୍ନରେ ବାଳିକା ବର୍ଗ ଦ୍ୱିତୀୟ ଖେଳରେ ସମ୍ବଲପୁର ୧୨-୦ ଗୋଲ୍‌ରେ ନୂଆପଡ଼ାକୁ ହରାଇ ବିଜୟୀ ହୋଇଥିଲା। ଜିଲ୍ଲା କ୍ରୀଡ଼ା ସଂସଦ କାର୍ଯ୍ୟକାରୀ ସଭାପତି ଡ. ଶ୍ରୀକର ମିଶ୍ରଙ୍କ ତତ୍ତ୍ୱାବଧାନ ଖେଳରେ ଡା. ସୁରେଶ ପ୍ରଧାନ ଓ କ୍ରୀଡ଼ାବିତ ସୁନିଲ ଚନ୍ଦ୍ର ବିଶ୍ୱାଳ ଅତିଥି ଭାବେ ଯୋଗ ଦେଇଥିଲେ। ଖେଳକୁ ସଦାନନ୍ଦ ସାହୁ, ସୌରଭ ନାଏକ, ମାମା ସିଂ ଓ ପ୍ରିୟଙ୍କା ବିଶି ପରି.ଳନା କରିଥିଲେ। ଉଭୟ ବାଳିକା ଖେଳରେ ସୁରେଶ ଦାଶ ମ୍ୟାଚ୍ କମିଶନର ଦାୟିତ୍ୱ ତୁଲାଇ ଥିଲେ।

# କଣ୍ଟାମାଳ ପାକ୍ସ ସଭାପତିଙ୍କ ବିରୋଧରେ ଅର୍ଥ ହେରଫେର ଅଭିଯୋଗ

ମନମୁଣ୍ଡା,୪।୬(ସମିସ)

କଣ୍ଟାମାଳ ସେବା ସମବାୟ ସମିତିରେ ଅର୍ଥ ହେରଫେର ହୋଇଥିବା ଅଭିଯୋଗ ହୋଇଛି। ପ୍ୟାକ୍ସର ସଭାପତି ବରିଷ୍ଠ ଓକିଲ ଶମ୍ଭୁ ପ୍ରସାଦ ସାହୁ ଅନିୟମିତତାରେ ସଂପୃକ୍ତ ଥିବା ବଡ଼ଛପାପାଲି ଗ୍ରାମର ଅଜିତ ସାହୁ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଛନ୍ତି। ସଭାପତି ଶ୍ରୀ ସାହୁ ସମିତିର ଏକ ଛୋଟିଆ ଗୋଦାମ ଘର ପୁରୁଣା କାନ୍ଥରେ ୨ - ୩ ଫୁଟ କାନ୍ଥ ଉଠାଇ ସେଠାରେ ଲାଗିଥିବା ପୁରୁଣା ଆଜବେଷ୍ଟସକୁ ଲଗାଇ ୯୭ ହଜାର ଉଠାଇ ହଡ଼ପ କରିଛନ୍ତି। କୃଷି ମେଳା ପାଇଁ ୬୦ ହଜାର ଓ ଚୌକି କିଣା ବାବଦକୁ ମଧ୍ୟ ଟଙ୍କା ବାଟମାରଣା କରିଥିବା ଅଭିଯୋଗ ହୋଇଛି। ତେବେ ତାହା ସମ୍ପୂର୍ଣ୍ଣ ମିଥ୍ୟା। କପୋଳକଳ୍ପିତ। ଭିତ୍ତିହୀନ ବୋଲି ଏକ ପ୍ରେସ ରିଲିଜ୍‌ରେ ପ୍ୟାକ୍ସ ସଭାପତି ଶ୍ରୀ ସାହୁ ଜଣାଇଛନ୍ତି। ଅନ୍ୟପକ୍ଷେ ପ୍ୟାକ୍ସ ସଭାପତିଙ୍କ କାର୍ଯ୍ୟକଳାପ ଏବଂ ତାଙ୍କ ଓକିଲାତିରେ ଅସହିଷ୍ଣୁ ହୋଇ ବଦନାମ କରିବା ଉଦ୍ଦେଶ୍ୟରେ ଅଜିତ୍ ସାମାଜିକ ଗଣମାଧ୍ୟମକୁ ମାଧ୍ୟମ କରିଥିବା ସମିତିର ଉପ ସଭାପତି ଲକ୍ଷ୍ମୀ ପ୍ରିୟା ରଣା, ସମ୍ପାଦକ ଦୀପଙ୍କର ସାହୁ, ନିର୍ଦ୍ଦେଶକ ଠାକୁର ନାଏକ, ଅର୍ଜୁନ ସାହୁ, ପରମେଶ୍ୱର କୁଦେଇ, ସଦାଶିବ ରଣା, ରମେଶ ମାହାର, ଜିତୁ ଜାଲ, ଶଶି ରଣା ପ୍ରମୁଖ କହିଛନ୍ତି। ସେମାନଙ୍କ କହିବା ପ୍ରକାରେ ଗୋଦାମ ଘର ମରାମତି ଚାଲିଛି। ଅର୍ଥ ହେରଫେର କରାଯାଇ ନାହିଁ। ସେହିପରି କୃଷିରଣ ମେଳାରେ ୬୦ ହଜାର ଆତ୍ମସାତ୍ ମଧ୍ୟ ମିଥ୍ୟା। ସମିତିରେ ନିର୍ଦ୍ଧାରଣ କରାଯାଇ ସେଥିପାଇଁ ୩୪ ହଜାର ଉଠାଯାଇଛି। ଚୌକିକିଣାରେ ଅର୍ଥ ହେରଫେର ତଥା ଅନିୟମିତତା ହୋଇନି। ଜୁନ୍ ୨ରେ ପ୍ୟାକ୍ସ ସଭାପତି ଶ୍ରୀ ସାହୁ ପ୍ୟାକ୍ସ କାର୍ଯ୍ୟାଳୟରେ କାମ କରୁଥିବାବେଳେ ଅଜିତ୍ ପହଞ୍ଚି ଗାଳିଗୁଲଜ କରିଥିଲେ। ଅପମାନିତ କରିବା ସହ ହତ୍ୟା ଧମକ ଦେଇଥିଲେ। ତେବେ ଉପସ୍ଥିତ କର୍ମଚାରୀଙ୍କ ହସ୍ତକ୍ଷେପ ଯୋଗୁଁ ସଭାପତି ବର୍ଞ୍ଚି ଯାଇଥିଲେ। ଏହି ସବୁ ଘଟଣାରେ ସଭାପତିଙ୍କ ମାନ ସମ୍ମାନ କ୍ଷୁର୍ଣ୍ଣ ହୋଇଛି। ସେ ଭୟଭୀତ ହୋଇ ପଡିଛନ୍ତି। ଏ ନେଇ ସେ କଣ୍ଟାମାଳ ଥାନାରେ ଅଭିଯୋଗ କରିଛନ୍ତି। ଏତଲାକୁ ଭିତ୍ତି କରି ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଏହାର ତଦନ୍ତ ଚଳାଇଛି। ଅଜିତ୍ କଣ୍ଟାମାଳ ପ୍ୟାକ୍ସରେ ନିର୍ଦ୍ଦେଶକ ସହ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଉପାଧ୍ୟକ୍ଷ ଥିବା ମଧ୍ୟ ଏତଲାରେ ଦର୍ଶା ଯାଇଛି।

## ଅଟକ ବାଲିଭର୍ତ୍ତି ହାଇୱା ଛାଡିଦେଲା ପୁଲିସ

କଣ୍ଟାମାଳ,୪।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ତେଲ୍ ନଦୀ ଘଟରୁ ପ୍ରତିଦିନ ବେଧଡକ ବେଆଇନ ବାଲି ଚୋରା ଚାଲାଣ ହେଉଛି। ଜେସିବି ସାହାଯ୍ୟ ପ୍ରତିଦିନ ଶହ ଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଓଭରଲୋଡ୍ କରି ହାଇୱାରେ ବାଲି ଚାଲାଣ ହେଉଛି। ଏଥିଯୋଗୁ ରାସ୍ତା ନଷ୍ଟ ହେଉଛି। ପ୍ରତିଦିନ ଶହ ଶହ ଲୋକ ଦୁର୍ଘଟଣାର ଶିକାର ହେଉଛନ୍ତି। ବୁଧବାର ରାତିରେ ଓଡି ୩୧ ଏଲ୍ ୩୧୩୪ ନମ୍ବର ବିଶିଷ୍ଟ ଏକ ହାଇୱା କଣ୍ଟାମାଳ ପୁଲିସ ଅଟକ ରଖିଥିଲା। ପରେ ଛାଡି ଦେଇଥିଲା।

## ଟିଟିଲାଗଡ଼ରେ ଭୟାବହ ଅଗ୍ନିକାଣ୍ଡ

ଟିଟିଲାଗଡ଼,୪।୬(ସମିସ): ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ମୁନସିପାଲିଟିର ୧୨ ନମ୍ବର ୱାର୍ଡରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ବ୍ୟବସାୟୀ ଦଶରଥ ସାହୁଙ୍କ ଘରେ ଅଗ୍ନିକାଣ୍ଡ ଘଟିଛି। ଖବର ପାଇ ଟିଟିଲାଗଡ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ। ତେବେ ନିଆଁ ଏତେ ଜୋର ଥିଲା ଯେ ସଇଁତଲା, ମୁରିବାହାଲରୁ ମଧ୍ୟ ଦମକଳ କନ୍ଦ୍ରର ଗାଡି ପହଞ୍ଚି ସହଯୋଗ କରିଥିଲା। ଦୀର୍ଘ ୪ ଘଣ୍ଟା ପରେ ନିଆଁ ଆୟତ୍ତ ହୋଇଥିଲା ୪ ମହଲା ବିଶିଷ୍ଟ ଘର ସମ୍ପୂର୍ଣ୍ଣ ନିଆଁ ଲାଗି ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଇଲେକ୍ଟ୍ରି ଖୁଣ୍ଟରୁ ଆସିଥିବା ବିଦ୍ୟୁତ୍ ତାର ସର୍ଟସର୍କିଟ ହୋଇ ଘରର ଏସି ଦ୍ୱାରା ନିଆଁ ଲାଗିଥିବାର ଅନୁମାନ କରାଯାଉଛି।

## ବୌଦ୍ଧ ସହରରେ ପୁଲିସର ଫ୍ଲାଗ୍ ମାର୍ଚ୍ଚ

ବୌଦ୍ଧ,୪।୬(ସମିସ): ବୌଦ୍ଧ ଆଦର୍ଶ ଥାନା ପକ୍ଷରୁ ସହରରେ ବାଇକ୍ ଯୋଗେ ଫ୍ଲାଗ୍ ମାର୍ଚ୍ଚ କରାଯାଇଛି। ଆଇଆଇସି ନଳିନୀକାନ୍ତ ଦାସଙ୍କ ତତ୍ତ୍ୱାବଧାନ ଏବଂ ଉପଖଣ୍ଡ ପୁଲିସ ଅଧିକାରୀ ଲରେନ ରାଉତରାୟଙ୍କ ନେତୃତ୍ୱରେ ପୁଲିସ୍ ଅଧିକାରୀ ଓ କର୍ମଚାରୀ ସହରର ବିଭିନ୍ନ ସମ୍ବେଦନଶୀଳ ଅଞ୍ଚଳ ବୁଲିଥିଲେ। ସହରର ଆଇନ ଶୃଙ୍ଖଳା ପରିସ୍ଥିତି ଓ ଅପରାଧ ନିୟନ୍ତ୍ରଣ ପାଇଁ ବୌଦ୍ଧ ପୁଲିସ୍ ସଜାଗ ରହିଥିବା ଆଇଆଇସି ଶ୍ରୀ ଦାସ ପ୍ରକାଶ କରିଛନ୍ତି।

## କାର୍‌ରୁ ୧୬ କେଜି ଗଞ୍ଜେଇ ଜବତ: ମହିଳା ଗିରଫ

ବୌଦ୍ଧ/ଜହ୍ନାପଙ୍କ,୪।୬(ସମିସ): ବୌଦ୍ଧ ଜିଲ୍ଲା ବାଉଁଶୁଣୀ ଥାନା ମୁଣ୍ଡିପଦର ନିକଟରେ ଏକ କାର୍ (ଓଡି ୧୪ ୱାଇ ୩୪୩୦)ରୁ ୧୬ କେଜି ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ମୁଣ୍ଡିପଦର ଗାଁର ପଦ୍ମାବତୀ ମେହେର (୩୫) ନାମ୍ନୀ ଜଣେ ମହିଳାଙ୍କୁ ଗିରଫ କରାଯାଇଛି। ବୌଦ୍ଧ ଅବକାରୀ ରେଞ୍ଜ ପକ୍ଷରୁ ଇନ୍ସପେକ୍ଟର ଦିଲ୍ଲୀପ ଶତପଥୀଙ୍କ ନେତୃତ୍ୱରେ ଚଢଉ କରାଯାଇଥିଲା। ସବ୍ ଇନ୍ସପେକ୍ଟର ସତ୍ୟନାରାୟଣପ୍ରଧାନ, କନେଷ୍ଟବଳନିରଞ୍ଜନମଲ୍ଲିକ, ଅଞ୍ଜଳିଅମାତ୍, ଲୋକନାଥ ଭୋଇ, କୈଳାଶ ଚନ୍ଦ୍ର ସାହୁ ପ୍ରମୁଖ ସାମିଲ୍ ହୋଇଥିଲେ।

## ସାପ କାମୁଡ଼ାରେ ବୃଦ୍ଧାଙ୍କ ମୃତ୍ୟୁ

ବୌଦ୍ଧ,୪।୬(ସମିସ): ବୌଦ୍ଧ ବ୍ଲକ୍ ମୁଣ୍ଡାପଡା ପଞ୍ଚାୟତ କମିରା ଗ୍ରାମରେ ସାପ କାମୁଡାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ମୃତ୍ୟୁ ଘଟିଥିବା ଏହି ମହିଳା ଜଣକ ହେଲେ ଘୁରୁଣ୍ଡୁ ଡାଙ୍ଗଙ୍କ ପତ୍ନୀ ଭୂମିସୂତା ଡାଙ୍ଗ (୬୦)। ସନ୍ଧ୍ୟାରେ ସେ ଘର ବାଡି ପଟରେ ବସିଥିବା ସମୟରେ ନାଗ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବୌଦ୍ଧ ଡାକ୍ତରଖାନା ଆଣିଥିଲେ; ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ବୌଦ୍ଧ ପୁଲିସ ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ସ୍ଥାନୀୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଯୁବକଙ୍କ ମୃତ୍ୟୁ

ବୌଦ୍ଧ/ଜହ୍ନାପଙ୍କ,୪।୬(ସମିସ): ବୌଦ୍ଧ ବ୍ଲକ୍ ଟିକରପଡାରେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାମଚନ୍ଦ୍ର ସାହୁଙ୍କ ୨୫ ବର୍ଷର ପୁଅ ରଶ୍ମିକାନ୍ତ ସାହୁ। ସେ ଗାଧୋଇ ସାରି ଘର ନିକଟ ଲୁହା ଜାଲିରେ ଲୁଗା ଶୁଖାଉ ଥିବା ବେଳେ ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ଉଦ୍ଧାର କରି ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ। ବଘିଆପଡା ଫାଣ୍ଡି ପୁଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ୨ ମାସ ହେଲା ମିଳୁନି ଭତ୍ତା

ଶଗଡ଼ା,୪।୬(ସମିସ): କଣ୍ଟାମାଳ ବ୍ଲକର ବିଭିନ୍ନ ପଞ୍ଚାୟତରେ ବୃଦ୍ଧବୃଦ୍ଧାଙ୍କୁ ଗତ ୨ ମାସ ହେଲା ବାର୍ଦ୍ଧକ୍ୟ ଭତ୍ତା ମିଳି ନ ଥିବା ଅଭିଯୋଗ ହୋଇଛି। ଡିବିଟି ମାଧ୍ୟମରେ ବ୍ୟାଙ୍କ ଆକାଉଣ୍ଟରେ ଭତ୍ତା ପାଉଥିବା ହିତାଧିକାରୀଙ୍କୁ ୨ ମାସ ହେଲା ଭତ୍ତା ମିଳି ନାହିଁ। ଏହା ଫଳରେ ବୃଦ୍ଧବୃଦ୍ଧା ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଟଙ୍କା ମିଳୁ ନ ଥିବାରୁ ନିଜର ଔଷଧ ଖର୍ଚ୍ଚ ସହ ଅନ୍ୟାନ୍ୟ ଆବଶ୍ୟକତା ପାଇଁ ହଇରାଣ ହେଉଛନ୍ତି। ଅନେକ ଥର ବ୍ୟାଙ୍କ ଯାଇ ଟଙ୍କା ଆସି ନ ଥିବାରୁ ନିରାଶ ହୋଇ ଫେରି ଆସୁଛନ୍ତି।

## ଏନ୍ଏସି ନିର୍ବାହୀ ଅଧିକାରୀଙ୍କୁ ଫେରାଦ



କଣ୍ଟାବାଞ୍ଜି,୪।୬(ସମିସ): କଣ୍ଟାବାଞ୍ଜି ସହରରେ ପୂର୍ବ ସରକାର ଗୋଟିଏ ମିନି ଷ୍ଟାଡିୟମ୍ ନିର୍ମାଣ କରିଥିଲେ। ଆଜିଯାଏ ତାହା ଅଧାପନ୍ତରିଆ ହୋଇ ପଡ଼ି ରହିଛେ। ବିଜେଡ଼ି ନେତା ଅଜିତ ଯୋଶୀଙ୍କ ନେତୃତ୍ୱରେ କଣ୍ଟାବାଞ୍ଜି ରାଜେନ୍ଦ୍ର ନଗର କ୍ଲବ୍ ସଦସ୍ୟମାନେ କଣ୍ଟାବାଞ୍ଜି ଏନ୍ଏସି ନିର୍ବାହୀ ଅଧିକାରୀ ଛବି ପୋଡ଼ଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ୧୪ ନମ୍ବର ୱାର୍ଡରେ ନିର୍ମାଣାଧୀନ ମିନି ଷ୍ଟାଡିୟମ କାର୍ଯ୍ୟ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ଦାବି କରାଯାଇଛି। ସ୍ଥାନୀୟ ଯୁବକ ଓ ଖେଳାଳିମାନେ ଖେଳକୁଦ ଏବଂ ଅଭ୍ୟାସ ପାଇଁ ଉପଯୁକ୍ତ ଭିତ୍ତିଭୂମିରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି। ରାଜେନ୍ଦ୍ର ନଗର କ୍ଲବ୍‌ର ସଦସ୍ୟ ଜଗନ୍ନାଥ ପଟେଲ, ରାଜେଶ ରାଓ, ସୁଶାନ୍ତ ପଟେଲ, ପ୍ରକାଶ ପଟେଲ, ଯୋଗିନ ରଣା, ପିଣ୍ଟୁ ପଟେଲ, କୃଷ୍ଣ ଜାଲ ପ୍ରମୁଖ ଏନଏସି ନିର୍ବାହୀ ଅଧିକାରୀଙ୍କୁ ଭେଟିଥିଲେ।

## କାଳବୈଶାଖୀରେ ଗଛ ପଡ଼ି ରାସ୍ତା ଅବରୋଧ



କଣ୍ଟାମାଳ,୪।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ବରଗାଁ ପଞ୍ଚାୟତ ବରଗାଁ, ଲୁଇସିଂ, କୁମେଳବନ୍ଧ, କେକ୍ରିମାଳ, ଗଦଗଦିପଡ଼ା, ଉପରପଡା, ତିଳିକାମାଳ, ମଳି, ଘୁଚାଙ୍ଗି ଓ ମିଳିଯୋରାରେ କାଳ ବୈଶାଖୀ ତାଣ୍ଡବ ରଚିଛି। କାଳବୈଶାଖୀ ତାଣ୍ଡବରେ ଲୋକଙ୍କ କ୍ଷତି ହୋଇଛି। କଣ୍ଟାମାଳ ଠାରୁ ନାରାୟଣପ୍ରସାଦ ରାସ୍ତାର ସିମିଳିଯୋରା ଛକଠାରେ ଗଛ ପଡି ରାସ୍ତା ଅବରୋଧ ହୋଇଛି। ଲୋକଙ୍କ ଚାଳ ଛପର ଓ ଆଜବେଷ୍ଟସ ଓଡାଇ ନେଇଛି। ତାର ଛିଣ୍ଡି ବିଦ୍ୟୁତ୍ ସଂଯୋଗ ସମ୍ପୂର୍ଣ୍ଣ ବନ୍ଦ ହୋଇ ଯାଇଛି।

## ହନୁମାନ ମନ୍ଦିର ପ୍ରାଙ୍ଗଣରେ ସ୍ୱଚ୍ଛ ଭାରତ ଅଭିଯାନ

ବୌଦ୍ଧ,୪।୬(ସମିସ): ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଜଗତି ନିକଟସ୍ଥ ହନୁମାନ ମନ୍ଦିର ପରିସରରେ ପଞ୍ଚାୟତ ପକ୍ଷରୁ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସରପଞ୍ଚ ଭାରତୀ ପୁରୋହିତ, ପୂର୍ବତନ ବୌଦ୍ଧ ବ୍ଲକ୍ ଉପାଧ୍ୟକ୍ଷ ମନୋରଞ୍ଜନ ପୁରୋହିତ, ଜିଲ୍ଲା ପରାମର୍ଶ ଦାତା ସରୋଜ ରଞ୍ଜନ ପାଢ଼ୀ, ବ୍ଲକ ସଂଯୋଜକ ଜଗନାଥ ସାହୁ, ହାଡିବନ୍ଧୁ ଗିରି, ଦିଲ୍ଲୀପ ପୁରୋହିତ ସୁବୋଧ ମିର୍ଦ୍ଧା ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀ ସାମିଲ ହୋଇଥିଲେ।

## ଅମୁର୍ତ୍ତା ଫେରିଘାଟ ରାସ୍ତା କାମର ଭିତ୍ତିପ୍ରସ୍ତର



ବୌଦ୍ଧ,୪।୬(ସମିସ): ବୌଦ୍ଧ ବ୍ଲକ୍ ମହେଶ୍ୱରପିଣ୍ଡା ୫୭ ନମ୍ବର ଜାତୀୟ ରାଜପଥଠାରୁ ଅମୂର୍ତ୍ତା ମହାନଦୀ ଫେରିଘାଟ ପର୍ଯ୍ୟନ୍ତ ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କାମ ପାଇଁ ମହେଶ୍ୱରପିଣ୍ଡାରେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏଥିପାଇଁ ୫ କୋଟି ୧୦ ଲକ୍ଷ ଟଙ୍କା ବ୍ୟୟ କରାଯିବ। କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲ, ଜିଲ୍ଲା ପରିଷଦ ସଭ୍ୟ ରାକେଶ ତ୍ରିପାଠୀ, କିଶୋର ମେହେର, ରକ୍ସା ସରପଞ୍ଚ ବିଭୁତି ଭୂଷଣ ଡାଙ୍ଗ ପ୍ରମୁଖ ଯୋଗ ଦେଇଥିଲେ।

## ୬ ଦିନ ପରେ ମଧ୍ୟ କାଳବୈଶାଖୀ କ୍ଷତିଗ୍ରସ୍ତଙ୍କୁ ଅଣଦେଖା

ଶଗଡା,୪।୬(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ଲମ୍ବସରୀ ପଞ୍ଚାୟତ ଗୁହୁରିଆପାଲି ଗ୍ରାମରେ କାଳବୈଶାଖୀ ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଛି। ଗ୍ରାମର ପାଣ୍ଡେଶ୍ୱର ମଲ୍ଲିକ, କୈକେଇ କଅର, ମିଥିଳା ବଗର୍ତ୍ତି, ଶିବ କୁସଲ, ଉତ୍ତର ଜାନୀ, କୁରୁପତି ଜାନୀ, ପଣ୍ଡିତ କଅର, ଉଚ୍ଛବ କଉତୁଆ, ଚତୁର୍ଭୁଜ ଅଙ୍ଗରିଆ, ରଞ୍ଜିତା ପୋଡ଼ଙ୍କ ମାଟି ଚାଳ ଘର କାଳ ବୈଶାଖୀରେ ସମ୍ପୂର୍ଣ୍ଣ ଭାଙ୍ଗି ଯାଇଛି। ତେବେ କାଳବୈଶାଖୀକୁ ୬ ଦିନ ବିତି ଯାଇଥିଲେ ସୁଦ୍ଧା ଏମାନଙ୍କ ନିକଟରେ କୌଣସି ସରକାରୀ ସହାୟତା ପହଞ୍ଚି ପାରିନି। ଏପରିକି କୌଣସି ଅଧିକାରୀ ତଦନ୍ତରେ ଆସି ନ ଥିବା ଲୋକେ ଅଭିଯୋଗ କରିଛନ୍ତି। ବିଭାଗୀୟ ଅଧିକାରୀଙ୍କ କାର୍ଯ୍ୟଦକ୍ଷତାକୁ ନେଇ ଏମାନେ ପ୍ରଶ୍ନ ଉଠାଇଛନ୍ତି। ଅଭିଯୋଗ କଲେ ମଧ୍ୟ କେହି ଶୁଣୁ ନାହାନ୍ତି। ଏହି ପରିବାର ବେସାହାରା ହୋଇ ଯାଇଛନ୍ତି।

## ସ୍ଥାନୀୟ ଜନପ୍ରତିନିଧିଙ୍କୁ ଅଣଦେଖା

ଶଗଡା,୪।୬(ସମିସ): ବୌଦ୍ଧ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ କଣ୍ଟୁରବନ୍ଧ ପଞ୍ଚାୟତ ବାଗଡ଼ିଆଠାରୁ କଣ୍ଟୁରବନ୍ଧ ପର୍ଯ୍ୟନ୍ତ ନୂତନ ରାସ୍ତାର ଭିତ୍ତି ପ୍ରସ୍ତର ସ୍ଥାପନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଓ ସମିତିସଭ୍ୟଙ୍କୁ କିନ୍ତୁ ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି। ସୂଚନା ଫଳକରେ ଉଭୟଙ୍କ ନାମ ନ ଥିବା ଜଣା ପଡିଛି। ଏହାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହା ଏକ ସରକାରୀ କାର୍ଯ୍ୟକ୍ରମ ହୋଇଥିବା ବେଳେ କ'ଣ ପାଇଁ ଉଭୟ ଜନପ୍ରତିନିଧିଙ୍କୁ ନିମନ୍ତ୍ରଣ କରାଯାଇ ନାହିଁ ବୋଲି ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। କାହା ଚାପରେ ବିଭାଗ ଜାଣିଶୁଣି ଏଭଳି ପାତର ଅନ୍ତର କରିଛି ଏହାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ଟିକ୍ରାପଡ଼ା ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ପ୍ରସ୍ତୁତି

ବଲାଙ୍ଗିର,୪।୬(ସମିସ): ଟିକ୍ରାପଡ଼ା ଶୀତଳ ଷଷ୍ଠୀ ମହୋତ୍ସବ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ନଗରପାଳ ପ୍ରଦୀପ ସାହୁଙ୍କୁ ସଭାପତି, ବିକାଶ ସାଙ୍କୁ ସଂପାଦକ ଓ ରାଜେଶ ସାହୁଙ୍କୁ କୋଷାଧ୍ୟକ୍ଷ ଭାବେ ମନୋନିତ କରାଯାଇଛି। ପଡାର ସମସ୍ତ ଘରେ ଆଲୋକ ସାଜସଜ୍ଜା କରାଯିବା ସହ ମହାଦେବଙ୍କ କଳସ ଯାତ୍ରାରେ ସମସ୍ତେ ସାମିଲ ହେବା ପାଇଁ ସିଦ୍ଧାନ୍ତ ଗ୍ରହଣ କରାଯାଇଛି। ଅଷ୍ଟମ ବର୍ଷ ପାଇଁ ହେଉଥିବା ଏହି ମହୋତ୍ସବକୁ ମହା ଆଡମ୍ବରରେ ପାଳନ କରିବା ଦିଗରେ ସମସ୍ତେ ସହଯୋଗ କରିବାକୁ କମିଟି ଅନୁରୋଧ କରିଛି। ଏହି ସଭାରେ ବାବୁ ସା, ସଂଜୟ ଶତପଥୀ, ତୋଫାନ ସାହୁ, ଆଶୁତୋଷ ସାହୁ, ଅଭିଷେକ ପୁଝାରୀ, ସଂଜୀବ ସାହୁ, ଜ୍ୟୋତିଷ କର, ସ୍ୱସ୍ତିକ ମିଶ୍ର, ରାଜେନ୍ଦ୍ର ପାଣି, ଶ୍ୟାମଲାଲ ଅଗ୍ରୱାଲ, ଜ୍ୟୋତି ରାଉତରାଏ, କଲୁ ମହାନ୍ତି, ପଞ୍ଚାନନ ପୁଝାରୀ, ସରୋଜ ନନ୍ଦ, ସୁବାଷ ଦାସ, ପ୍ରଦୀପ ଦାଶ, ଟୁଲୁ ସାହୁ, ଆକାଶ ନନ୍ଦ, ସୋନୁ ଅଗ୍ରୱାଲ, ସଂଜୟ ଅଗ୍ରୱାଲ, ରିତେଶ କେଡିଆ, ରଂଜିତ ଦାସ, ଅଶୋକ ଦାସ, ଚିତ୍ତରଂଜନ ସାହୁ, ଅମିତ ଦାସ ଓ ସୋମନାଥ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ପୋଖରୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ବୌଦ୍ଧ,୪।୬(ସମିସ): ବୌଦ୍ଧ ବ୍ଲକ୍ ବାଉଁଶୁଣୀ ଥାନା ମୁଣ୍ଡିପଦର ପଞ୍ଚାୟତ କଳାପଥରରେ ପୋଖରୀରେ ବୁଡି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରଥିଆ ପ୍ରଧାନ। ସେ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ପାଣିରେ ବୁଡି ଯାଇଥିଲେ। ଆଖ ପାଖରେ ଥିବା ଲୋକେ ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ବୌଦ୍ଧ ଡାକ୍ତରଖାନା ଆଣିଥିଲେ। ଡାକ୍ତର କିନ୍ତୁ ମୃତ ଘୋଷଣା କରିଥିଲେ।

## ଆଜିଠୁ ସିଏମ୍ ଟ୍ରଫି ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍ ଦ୍ୱିତୀୟ ସଂସ୍କରଣ

ବୌଦ୍ଧ,୪।୬(ସମିସ): ବୌଦ୍ଧ ଜିଲ୍ଲା ଷ୍ଟାଡିୟମ୍‌ରେ ଶୁକ୍ରବାର ଓ ଶନିବାର ସିଏମ୍ ଟ୍ରଫି-୨୦୨୬ ଅଧୀନ ଜୋନ୍‌ସ୍ତରୀୟ ଭଲିବଲ୍ ଚାମ୍ପିଅନସିପ୍‌ର ଦ୍ୱିତୀୟ ସଂସ୍କରଣ ଅନୁଷ୍ଠିତ ହେବ। କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ବୌଦ୍ଧ ଡିଷ୍ଟ୍ରିକ୍ଟ ଆଥଲେଟିକ୍ସ ଆସୋସିଏସନ୍‌ର ମିଳିତ ଆନୁକୂଲ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯାଉଛି। ଏହି ଜୋନ୍‌ସ୍ତରୀୟ ପ୍ରତିଯୋଗିତାରେ କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ମାଲକାନଗିରି, ବୌଦ୍ଧ, କନ୍ଧମାଳ, କଳାହାଣ୍ଡି ଏବଂ ଗଜପତି ଇତ୍ୟାଦି ୮ଟି ଜିଲ୍ଲାରୁ ପ୍ରାୟ ୨୪୦ ଜଣ ବାଳକ ଓ ବାଳିକା ଖେଳାଳି ଅଂଶଗ୍ରହଣ କରିଛନ୍ତି। ସନ୍ଧ୍ୟା ୫ଟା ୩୦ରୁ ରାତି ୧୦ଟା ପର୍ଯ୍ୟନ୍ତ ମ୍ୟାଚ୍ ଅନୁଷ୍ଠିତ ହେବ। ସୁପରିଚାଳନା ପାଇଁ ୧୦ ଜଣ ଖେଳ ଶିକ୍ଷକ ଓ କୋଚଙ୍କୁ ଦାୟିତ୍ୱ ଦିଆଯାଇଛି। ଖେଳାଳିମାନଙ୍କ ସୁବିଧା ଓ ସୁରକ୍ଷା ଦୃଷ୍ଟିରୁ ଜିଲ୍ଲା ସ୍ୱାସ୍ଥ୍ୟ, ଶିକ୍ଷା, ମଙ୍ଗଳ ବିଭାଗ ଏବଂ ଜିଲ୍ଲା କ୍ରୀଡ଼ା କାର୍ଯ୍ୟାଳୟ ପକ୍ଷରୁ ଆବଶ୍ୟକ ସହଯୋଗ ଓ ସେବା ଯୋଗାଇ ଦିଆଯାଉଛି। ଏହି ଚାମ୍ପିଅନସିପ୍ ମାଧ୍ୟମରେ ରାଜ୍ୟର ଉଦୀୟମାନ ଭଲିବଲ୍ ପ୍ରତିଭାଙ୍କୁ ସେମାନଙ୍କ ସମୁଚିତ ଦକ୍ଷତା ପ୍ରଦର୍ଶନ ପାଇଁ ସୁଯୋଗ ମିଳିବ।

# ବିନା ପଞ୍ଜୀକରଣରେ ଶହ ଶହ କୋଚିଂ ସେଣ୍ଟର

ବଲାଙ୍ଗିର,୪।୬(ସମିସ)

ବଲାଙ୍ଗିର ସହରରେ ଲଗାମଛଡା କୋଚିଂ ସେଣ୍ଟର। ବିନା ପଞ୍ଜିକରଣରେ ଚାଲିଛି କୋଚିଂ ସେଣ୍ଟର। କୋଚିଂ ନାମରେ ଛାତ୍ରଛାତ୍ରୀଙ୍କଠାରୁ ମୋଟା ଅଙ୍କର ଫି ଆଦାୟ କରାଯାଉଛି। ଏହି କୋଚିଂ ସେଣ୍ଟର ଉପରେ ପ୍ରଶାସନିକ ଲଗାମ ନାହିଁ। ଏହି ଲଗାମଛଡା କୋଚିଂ ସେଣ୍ଟରଗୁଡିକ ପଞ୍ଜିକରଣ ନ କରି ବେଶ୍ ଆରାମରେ ବେପାର ଜମାଇଛନ୍ତି। ଜିଲ୍ଲା ପ୍ରଶାସନର ମଧ୍ୟ ଏଥିପ୍ରତି ଦୃଷ୍ଟି ନାହିଁ। ବିଗତ ଦିନରେ କୋଚିଂ ସେଣ୍ଟରରେ ହେଉଥିବା ଅନେକ ବେଆଇନ କାମ ସାମ୍ନାକୁ ଆସିବା ପରେ କୋଚିଂ ସେଣ୍ଟର ପରିଚାଳନାକୁ ନେଇ ମଧ୍ୟ ଅନେକ କଟକଣା ରହିଛି। ତେବେ ଏହି ସବୁ କଟକଣାକୁ ବଲାଙ୍ଗିର ସହରରେ ବେଖାତିର କରାଯାଉଛି। କୋଚିଂ ସେଣ୍ଟରରେ ବିନା ଅନୁମତିରେ ବେଆଇନ ଭାବେ ହଷ୍ଟେଲ ମଧ୍ୟ ଖୋଲାଯାଇଛି।

ବଲାଙ୍ଗିର ସହରରେ ବିଗତ କିଛି ବର୍ଷ ଭିତରେ ଘରୋଇ ଶିକ୍ଷା ବେଶ୍ ଆଦୃତ ଲାଭ କରିଛି। ଏହି କିଛି ବର୍ଷ ଭିତରେ ଅନେକ ଘରୋଇ ସ୍କୁଲ ଖୋଲିଛି। ବଲାଙ୍ଗିର ସହର ବର୍ତ୍ତମାନ ପଶ୍ଚିମଓଡିଶାର ଶିକ୍ଷାର ଅନ୍ୟତମ ହବ୍ ପାଲଟିଛି। ଏହାରି ଭିତରେ ବଲାଙ୍ଗିର ସହରରେ ବହୁ ସଂଖ୍ୟାରେ କୋଚିଂ ସେଣ୍ଟର ଖୋଲିଛି। ଜିଲ୍ଲା ଶିକ୍ଷା ବିଭାଗ ସୂଚନା ଅନୁସାରେ ସହର କାହିଁକି ଜିଲ୍ଲାରେ ଗୋଟିଏ ବି ପଞ୍ଜିକୃତ କୋଚିଂ ସେଣ୍ଟର ନାହିଁ। ସହରର ପ୍ରତି ପଡା, ପ୍ରତି ଗଳିରେ କୋଚିଂ ସେଣ୍ଟର ନାମରେ ଶିକ୍ଷାର ବ୍ୟବସାୟ ବେଶ୍ ଜମିଛି। ଛାତ୍ରଛାତ୍ରୀଙ୍କଠାରୁ ମୋଟା ଅଙ୍କର ଫି ନେଇ ଏହି କୋଚିଂ ସେଣ୍ଟର ଗୁଡିକ ପରିଚାଳନା କରାଯାଉଛି। ଏପରିକି ସ୍ଥାନୀୟ ଅଞ୍ଚଳର ଶିକ୍ଷକ/ଅଧ୍ୟାପକମାନେ ପ୍ରଚ୍ଛଦ ପଟ୍ଟରେ ରହି କୋଚିଂ ସେଣ୍ଟର ଚଳାଉଥିବା ମଧ୍ୟ ଅଭିଯୋଗ ରହିଛି। ସହରରେ ଏହିଭଳି କିଛି କୋଚିଂ ସେଣ୍ଟର ରହିଛି ଯାହାକି ଯୁକ୍ତ ଦୁଇ, ଯୁକ୍ତ ତିନି ଓ ପ୍ରତିଯୋଗିତାମୂଳକ ପାଠ୍ୟକ୍ରମ ଉପରେ ପରିଚାଳିତ ହେଉଛି। ତାହାର ମଧ୍ୟ କୌଣସି ପଞ୍ଜିକରଣ ନାହିଁ। କୋଚିଂ ସେଣ୍ଟରର ନିଜସ୍ୱ ହଷ୍ଟେଲ ରହିଛି। ସେଠାରେ ରହି ଛାତ୍ରଛାତ୍ରୀ ଅନ୍ୟ ଏକ କଲେଜ, ସ୍କୁଲରେ ନାମ ଲେଖାଇ ପଢୁଛନ୍ତି। ଆଉ କିଛି ସ୍ଥାନରେ ଛାତ୍ରଛାତ୍ରୀଙ୍କ ରହିବା ପାଇଁ ବାହାରେ ଚାମ୍ପର ବ୍ୟବସ୍ଥା କରି କୋଚିଂ ଦିଆଯାଉଛି। ବିଶେଷ କରି ସରକାରୀ ସ୍କୁଲ ଓ କଲେଜରେ ଠିକ୍ ଭାବେ ପାଠପଢା ହେଉନି। ଏଣୁ ଛାତ୍ରଛାତ୍ରୀ ଓ ଅଭିଭାବକ କୋଚିଂ ସେଣ୍ଟର ଉପରେ ନିର୍ଭର କରୁଛନ୍ତି। ଏହାର ସୁଯୋଗ ନେଇ ଏହି କୋଚିଂସେଣ୍ଟରଗୁଡିକ ଲାଭ ଉଠାଉଥିବା ଅଭିଯୋଗ ହୋଇଛି। କୋଚିଂସେଣ୍ଟର ଅଭିଭାବକଙ୍କଠାରୁ ଅଧିକ ଟଙ୍କା ନେଇ ଭଲ ଫଳାଫଳ ପ୍ରତିଶ୍ରୁତି ଦେଇ ଛାତ୍ରଛାତ୍ରୀଙ୍କୁ ଅଧିକ ଚାପ ଦେଉଥିବା ଅଭିଯୋଗ ହେଉଛି। ଏହୁ ସବୁ ଦିଗକୁ ଦୃଷ୍ଟି ଦେଇ କୋଚିଂ ସେଣ୍ଟର ପରିଚାଳନା କରିବା ପାଇଁ ୨୦୧୭ ମସିହାରେ ସ୍ୱତନ୍ତ୍ର ଆଇନ ଅଣାଯାଇଥିଲା। ଏହି ଆଇନ ଅନୁସାରେ ବିନା ପଞ୍ଜିକରଣରେ କୋଚିଂ ସେଣ୍ଟର ଖୋଲିବା ବେଆଇନ। ପ୍ରଶାସନ ପାଖରେ ପଞ୍ଜିକରଣ କରିବା ବାଧ୍ୟତାମୂଳକ। ଏହି ପଞ୍ଜିକରଣର ଅବଧି ୩ ବର୍ଷ। କୋଚିଂ ସେଣ୍ଟର ଖୋଲିବା ପାଇଁ ଅନ୍ୟ ଆନୁସାଙ୍ଗିକ ବ୍ୟବସ୍ଥା ବିଷୟରେ ମଧ୍ୟ ସ୍ୱତନ୍ତ୍ର କଟକଣା କରାଯାଇଛି; କିନ୍ତୁ ବଲାଙ୍ଗିର ସହର ତଥା ଜିଲ୍ଲାରେ ଥିବା ବଡ ବଡ କୋଚିଂ ସେଣ୍ଟର ଗୁଡିକ ଏହାକୁ ବେଖାତିର କରି ନିଜ ଶିକ୍ଷାକେନ୍ଦ୍ରର ପଞ୍ଜିକରଣ କରାଇନାହାନ୍ତି। ଏଥିପାଇଁ ରହିଥିବା ଅନ୍ୟ ବ୍ୟବସ୍ଥା ତାଙ୍କ ପାଖରେ ନାହିଁ। କୋଚିଂ ସେଣ୍ଟର କୋଠା, ହଷ୍ଟେଲ ପାଇଁ ସୁରକ୍ଷା ବ୍ୟବସ୍ଥା, ଅଗ୍ନିଶମ ଅନୁମତି ଏହିଭଳି ଅନେକ ଅନୁମତିପତ୍ର ଆବଶ୍ୟକତା ରହିଛି। କୌଣସି ବି କୋଚିଂ ସେଣ୍ଟର ପାଖରେ ଏହି ଅନୁମତି ନାହିଁ। ତଥାପି କୋଚିଂ ସେଣ୍ଟରଗୁଡିକ ବିନା ପଞ୍ଜିକରଣରେ ଶହ ଶହ ଛାତ୍ରଛାତ୍ରୀଙ୍କୁ ଅସୁରକ୍ଷିତ ଭାବେ ପାଠ ପଢାଉଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ଏନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ମଧ୍ୟ ନିଆଯାଇନାହିଁ। ସତେ ଯେମିତି କୌଣସି ଏକ ଅଘଟଣକୁ ଜିଲ୍ଲା ପ୍ରଶାସନ ଅପେକ୍ଷାରେ ରହିଛି।

# ବିଭିନ୍ନ ପାକ୍ସରେ ରବିଧାନ କ୍ରୟ ଶୁଭାରମ୍ଭ

କଣ୍ଟାମାଳ,୪।୬(ସମିସ)



ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା ଅଞ୍ଚଳର ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ)ରେ ରବିଧାନ କ୍ରୟ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। କଣ୍ଟାମାଳ, ଘଣ୍ଟାପଡ଼ା, କୁଲୁଡାଯୋର, ଖୁଣ୍ଟିଗୁରାରେ ସମ୍ପାଦକ କର୍ଣ୍ଣ ରଣାଙ୍କ ତତ୍ତ୍ୱାବଧାନରେ ସଭାପତି ମାନୁ ରଣା ଧାନ କ୍ରୟ କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଚାଷୀ ନେତା ସୁଶାନ୍ତ ମାଝୀ, ବିଜେପି ଘଣ୍ଟାପଡ଼ା ମଣ୍ଡଳ ସଭାପତି ଗୋପୀନାଥ କହଁର, ନିର୍ଦ୍ଦେଶକ ମାଧବ ସାହୁ, ଶରତ ରଣା, ମନୋଜ ପାଣିଗ୍ରାହୀଙ୍କ ସମେତ ଅନ୍ୟାନ୍ୟ ନିର୍ଦ୍ଦେଶକ, ଚାଷୀ ଓ ପ୍ୟାକ୍ସ କର୍ମଚାରୀ ଉପସ୍ଥିତ ଥିଲେ। ସହସମ୍ପାଦକ ଅଗସ୍ତୀ ମଲିକ, କର୍ମଚାରୀ ଯୋଗୀରାମ ରଣା, ଶଙ୍କର ସାହୁ, ରାଜା ଦେହୁରୀ ଓ କାର୍ତ୍ତିକ ରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ସେହିପରି କୁଲୁଡାଯୋର ପାକ୍ସରେ ସମ୍ପାଦକ ବେଲୋର ଦେହୁରୀଙ୍କ ତତ୍ତ୍ୱାବଧାନରେ ସଭାପତି ହିମାଞ୍ଚଳ ରଣା ରବିଧାନ କ୍ରୟ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଆୟୋଜିତ ସଭାରେ ଜିଲ୍ଲା ପରିଷଦ ସଦସ୍ୟା ସୁମିତ୍ରା ସାହୁ ମୁଖ୍ୟ ଅତିଥି ଏବଂ ସ୍ଥାନୀୟ ସରପଞ୍ଚ ଚୁମୁକି ଭୋଇ, କଣ୍ଟାମାଳ ବ୍ଲକ ଉପାଧ୍ୟକ୍ଷ ମହେନ୍ଦ୍ର ରଣା, ଖମନମୁଣ୍ଡା ପଞ୍ଚାୟତ ସରପଞ୍ଚ ଅଳକା ପ୍ରଧାନ, ମିଲର୍ସ କରୁଣାକର ସାହୁ ଓ ଶିକ୍ଷାବିତ ନିଳାଚଳ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

ଅତିଥିମାନେ ଚାଷୀଙ୍କୁ ଏଫ୍ଏକ୍ୟୁ ମାନର ଧାନ ଯୋଗାଣ କରି ସରକାରଙ୍କ ନିର୍ଦ୍ଧାରିତ ସହାୟକ ମୂଲ୍ୟର ଲାଭ ଉଠାଇବା ସହ ଟୋକନ ନମ୍ବର ପ୍ରାପ୍ତି ପରେ ଖଳାରେ ଧାନ ରଖି ଶାନ୍ତିଶୃଙ୍ଖଳାର ସହ କ୍ରୟ ପ୍ରକ୍ରିୟାରେ ସହଯୋଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ବହୁ ଚାଷୀ, ନିର୍ଦ୍ଦେଶକ, ପାକ୍ସ କର୍ମଚାରୀ ଏବଂ ଆର୍ଏମ୍ସି କର୍ମଚାରୀ ଉପସ୍ଥିତ ଥିଲେ।

## ବାବା ଗୁପ୍ତେଶ୍ୱରଙ୍କ ଶୀତଳଷଷ୍ଠୀ ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି

ହରଭଙ୍ଗା,୪।୬(ସମିସ): ହରଭଙ୍ଗା ବ୍ଲକ ତିଳେଶ୍ୱର ପଞ୍ଚାୟତ ବୁରୁବୁଡାସ୍ଥିତ ବାବା ଗୁପ୍ତେଶ୍ୱର ଶିବ ମନ୍ଦିର ପରିସରରେ ଶୀତଳଷଷ୍ଠୀ ପାଇଁ ଚୂଡାନ୍ତ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟି ସଭାପତି ସୁରେନ୍ଦ୍ର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପ୍ରଥମେ କମିଟିର କୋଷାଧ୍ୟକ୍ଷ ସୁବାଷ ପଣ୍ଡାଙ୍କ ଅକାଳ ବିୟୋଗ ନେଇ ପ୍ରାର୍ଥନା କରାଯାଇଥିଲା। କମିଟି ସମ୍ପାଦକ ଶୁଭ୍ରଜିତ ପ୍ରଧାନ ବାର୍ଷିକ ଅୟବ୍ୟୟ ଓ ଆଗାମୀ କାର୍ଯ୍ୟପନ୍ଥା ବିବରଣୀ ପଠନ କରିଥିଲେ। ଚଳିତ ବର୍ଷ ଦେବ ଦମ୍ପତି ଶିବପାର୍ବତୀଙ୍କ ବିବାହ କିଭଳି ଧୁମଧାମରେ ପାଳିତ ହେବ ସେନେଇ ଆଲୋଚନା ହୋଇଥିଲା। କମିଟି ସର୍ବସମ୍ମତିରେ ଚଳିତ ବର୍ଷ ମାତା ପାର୍ବତୀଙ୍କ ମାତାପିତା ଭାବେ ତିଳେଶ୍ୱର ଗ୍ରାମର ପ୍ରିୟଲତା ଖାଡେଙ୍ଗା ଓ ନାରାୟଣ ମହାନ୍ତିଙ୍କୁ ଚୟନ କରାଯାଇଛି। ବାବା ଗୁପ୍ତେଶ୍ୱରଙ୍କ ମାତାପିତା ଭାବେ ତିଳେଶ୍ୱର ଗ୍ରାମର ଜ୍ୟୋତିର୍ମୟୀ ପ୍ରଧାନ ଓ ପ୍ରାଣବନ୍ଧୁଙ୍କୁ ଚୟନ କରାଯାଇଛି। ୧୮ ତାରିଖ ଶିବପାର୍ବତୀଙ୍କ ବିବାହ ଉତ୍ସବ ପାଇଁ ମନ୍ଦିର ପୁରୋହିତ ଚନ୍ଦ୍ରଶେଖର ପୁରୋହିତ ପାଞ୍ଜି ଦେଖି ଲଗ୍ନ ସ୍ଥିର କରିଛନ୍ତି। ସେହିପରି ଶୀତଳଷଷ୍ଠୀ ଦିନ କିଭଳି ରୀତିନୀତି ନିର୍ଦ୍ଧାରିତ ସମୟରେ ସମାପନ ହେବ ସେନେଇ ମନ୍ଦିର ସେବାୟତଙ୍କ ସହ ଆଲୋଚନା ହୋଇଥିଲା। ଚଳିତ ବର୍ଷ ଏହି ଉତ୍ସବ କିଭଳି ଆକର୍ଷଣୀୟ ହେବ ଓ ମହାଦେବଙ୍କ ବରଯାତ୍ରୀରେ କିଭଳି ଅଧିକରୁ ଅଧିକ ଭକ୍ତ ସାମିଲ ହେବେ ସେନେଇ ପ୍ରଚାର ପ୍ରସାର ବ୍ୟାପକ କରିବା ପାଇଁ ଆଲୋଚନା ହୋଇଥିଲା। ଏହି ବୈଠକରେ ମନ୍ଦିର କମିଟିର ଶ୍ରୀରାମ ନାଏକ, ପୁରସ୍ତମ ପ୍ରଧାନ, ବିକାଶ ରଞ୍ଜନ ମିଶ୍ର, ଗରୁଡ଼ଧ୍ୱଜ ଦେହୁରୀ, ବିକ୍ରମ ପ୍ରଧାନ, ଶତ୍ରୁଘନ ପ୍ରଧାନ, ସିମୁନ ନାଏକ, ସୂର୍ଯ୍ୟ ପ୍ରଧାନ, ଧରଣୀଧର ପ୍ରଧାନ ପ୍ରମୁଖ ସଦସ୍ୟ ଉପସ୍ଥିତ ଥିଲେ।

## ୧୯ ଜଣ ବରିଷ୍ଠ ଶିକ୍ଷକଙ୍କ ପଦୋନ୍ନତି

ବୌଦ୍ଧ,୪।୬(ସମିସ): ବୌଦ୍ଧ ଜିଲ୍ଲାର ୧୯ ଜଣ ବରିଷ୍ଠ ଶିକ୍ଷକଙ୍କୁ ପ୍ରଧାନ ଶିକ୍ଷକ ପଦବୀକୁ ପଦୋନ୍ନତି ଦିଆଯାଇଛି। ସହକାରୀ ଶିକ୍ଷକ ଆଦିତ୍ୟ ଦେହୁରୀ, ପବିତ୍ର ମୋହନ ପ୍ରଧାନ, ଅର୍ଚ୍ଚନା ମହାନ୍ତି, ସଞ୍ଜୀବ ପ୍ରଧାନ, ପଞ୍ଚାନନ ମହାକୁଳ, ଶୁଭେନ୍ଦୁ ରଞ୍ଜନ ଖମାରୀ, ଜିତେନ୍ଦ୍ର ଦେହୁରୀ, ଅନୀଲ୍ ପ୍ରଧାନ ମନୋରଂଜନ ପ୍ରଧାନ, ରମେଶ ସାମଲ, ଗଜାନନ ପ୍ରଧାନ, ବିରେନ୍ଦ୍ର ପ୍ରଧାନ, ନିତ୍ୟାନନ୍ଦ ପ୍ରଧାନ, ତରଙ୍ଗିଣୀ ବେହେରା, ମାନସ ରଞ୍ଜନ ପୁରୋହିତ, ବାବୁଲାଲ୍ ଭୋକ୍ତା, ପ୍ରଦୀପ୍ତ ଉର୍ମା, କଷ୍ଟେଶ୍ୱର୍ ଭୋଇ, ଦୀପାଞ୍ଜଳି ଦେହୁରୀ ପ୍ରମୁଖ ପ୍ରଧାନ ଶିକ୍ଷକ ଭାବେ ପଦୋନ୍ନତି ପାଇଛନ୍ତି।

**ପ୍ରସବ ଅସ୍ତ୍ରୋପଚାର ବେଳେ ଗୁପ୍ତାଙ୍ଗ ପୋଡ଼ିବା ଘଟଣା**

# ନ୍ୟୁ-ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ସିଲ୍ ପାଇଁ ନିର୍ଦ୍ଦେଶ

**ରାଉରକେଲା, ୪।୬(ସମିସ)**

ସୁନ୍ଦରଗଡ଼ ସହରର ଘରୋଇ ନର୍ସିଂହୋମ୍ ନ୍ୟୁ ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲ ଜଣେ ମହିଳାଙ୍କ ପ୍ରସବ ପାଇଁ ଅସ୍ତ୍ରୋପଚାର ବେଳେ ଡାକ୍ତରଙ୍କ ସାଂଘାତିକ ତ୍ରୁଟି ଯୋଗୁଁ ମହିଳାଙ୍କ ସମ୍ବେଦନଶୀଳ ଅଙ୍ଗ ସମ୍ପୂର୍ଣ୍ଣ ପୋଡ଼ିଯିବା ଘଟଣାରେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଅସ୍ତ୍ରୋପଚାର କରାଯାଇଥିବା ସମ୍ପୃକ୍ତ ଘରୋଇ ନର୍ସିଂହୋମ୍ ନ୍ୟୁ ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ଏକ ସପ୍ତାହ ପରେ ଅର୍ଥାତ୍ ଆସନ୍ତା ୧୧ ତାରିଖ ଠାରୁ ସିଲ୍ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ଅସ୍ତ୍ରୋପଚାର କରିଥିବା ସୁନ୍ଦରଗଡ଼ ଏମ୍‌ସିଏଚ୍‌ର ଡା. ପୁଷ୍ପମିତ୍ର ଭିତିରିଆଙ୍କ ଡାକ୍ତରୀ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ କରାଯିବା ସହ ଏହି ବେଆଇନ କାର୍ଯ୍ୟରେ ସମ୍ପୃକ୍ତ ଆୟୁଷ ଡାକ୍ତର ମନୋରଞ୍ଜନ ଦାସଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ପାଇଁ ସୁପାରିସ କରାଯାଇଛି। ଏ ନେଇ ଗଠିତ ତଦନ୍ତ କମିଟିର ତଦନ୍ତ ରିପୋର୍ଟ ଆସିବା ପରେ ସିଡିଏମ୍‌ଓ ଏପରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିବା ସୂଚନା ମିଳିଛି।

ତେବେ ଏତେ ବଡ ସମ୍ବେଦନଶୀଳ ଘଟଣାରେ ସିଡିଏମ୍‌ଓ ଏପର୍ଯ୍ୟନ୍ତ ଥାନାରେ ଏତାଲା କାହିଁକି ଦେଇ ନାହାଁନ୍ତି ତାହା ପ୍ରଶ୍ନବାଚୀ ଓ ସନ୍ଦେହ ସୃଷ୍ଟି କରିଛି। ସମ୍ପୃକ୍ତ ଘରୋଇ ନର୍ସିଂହୋମ୍‌ୱାଲିକଙ୍କ ବିରୁଦ୍ଧରେ ଏ ଫ ଆ ଇ ଆ ର ଦିଆଯାଇ ଗିରଫ କରାଯିବା ଏବଂ ନର୍ସିଂହୋମ୍‌ର କ୍ଲିନିକାଲ ଏ ଷ୍ଟା ବ୍ଲି ସ ମେ ଣ୍ଟ ଲାଇସେନ୍ସ ବାତିଲ ନିୟମ ରହିଥିବାବେଳେ ଏପର୍ଯ୍ୟନ୍ତ ଏସବୁ ହୋଇ ନଥିବାରୁ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଉପରେ ସନ୍ଦେହ ସୃଷ୍ଟି ହୋଇଛି। ସମ୍ପୃକ୍ତ ଡାକ୍ତର ଦ୍ୱୟଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ସହ ଅପରାଧିକ ମାମଲା ରୁଜୁ ହେବାର ଆବଶ୍ୟକତା ରହିଥିବା ବେଳେ ତାହା ହୋଇନାହିଁ। ସେପଟେ ସମ୍ପୃକ୍ତ ମହିଳା ଏବେ ଗୁରୁତର ଅବସ୍ଥାରେ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସିତ।




ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ସହର ନୂଆପଡ଼ା ଅଞ୍ଚଳର ଆଶିଷ କୁମାର ପଣ୍ଡାଙ୍କ ପତ୍ନୀ ସୋନାଲି ଶତପଥୀଙ୍କର ଏପ୍ରିଲ ୨୦ରେ ପ୍ରସବ ବେଦନା ହେବାରୁ ସୋନାଲି ସରକାରୀ ହସ୍ପିଟାଲକୁ ଯାଇ ସୁନ୍ଦରଗଡ଼ ଏମ୍‌ସିଏଚ୍‌ର ଡା. ପୁଷ୍ପମିତ୍ର ଭିତିରିଆଙ୍କୁ ଦେଖାଇଥିଲେ। ହେଲେ ସେ ସରକାରୀ ଡାକ୍ତରଖାନାରେ ତାଙ୍କର ଚିକିତ୍ସା ନ କରି ତାଙ୍କୁ ତୁରନ୍ତ ଘରୋଇ ନର୍ସିଂହୋମ୍ ନ୍ୟୁ-ଲାଇଫ୍ ମଲ୍ଟି ସ୍ପେସିଆଲିଟି ହସ୍ପିଟାଲକୁ ପଠାଇଥିଲେ। ସେଠାରେ ନିଜେ ସୋନାଲିଙ୍କର ଅସ୍ତ୍ରୋପଚାର କରି ପ୍ରସବ କରାଇଥିଲେ। ଏଥିରେ ଆୟୁଷ ଡାକ୍ତର ମନୋରଞ୍ଜନ ଦାସ ତାଙ୍କୁ ସହଯୋଗ କରିଥିଲେ। ତେବେ ଅସ୍ତ୍ରୋପଚାର ବେଳେ ଇଲେକ୍ଟ୍ରୋନିକ୍ସ କଟେରୀ ମେସିନ ଦ୍ୱାରା ତାଙ୍କ ତଳିପେଟ ଓ ସମ୍ବେଦନଶୀଳ ଅଙ୍ଗ ଗୁରୁତର ଭାବେ ପୋଡ଼ି ଯାଇଥିଲା। କିନ୍ତୁ ଏ ବିଷୟରେ ରୋଗୀଙ୍କୁ ନ ଜଣାଇ ସେଠାରେ ବ୍ୟାଣ୍ଡେଜ୍ କରି ତାଙ୍କୁ ଡିସଚାର୍ଜ କରି ଦେଇଥିଲେ। ଘରକୁ ଫେରିବା ପରେ ମହିଳାଙ୍କର ପ୍ରବଳ ପୋଡ଼ାଜଳା ହେବାରୁ ସେ ପୁଣି ଡାକ୍ତରଙ୍କ ପାଖକୁ ଯାଇଥିଲେ। ଡାକ୍ତର କେବଳ ଡ୍ରେସିଂ ଓ ଔଷଧ ଦେଇ ଛାଡ଼ିଥିଲେ। ଯନ୍ତ୍ରଣା ନ କମିବାରୁ ବ୍ୟାଣ୍ଡେଜ୍ ଖୋଲିବା ପରେ ପୁରା ଅଙ୍ଗ ପୋଡ଼ି ଯାଇଥିବା ଦେଖିବାକୁ ପାଇଥିଲେ। ଏହାପରେ ସେ ଡାକ୍ତରଙ୍କୁ ପଚାରିବାରୁ ସେ ତାଙ୍କ ତ୍ରୁଟି ସ୍ୱୀକାର କରିବା ସହ ଏଥିପାଇଁ ତାଙ୍କୁ କ୍ଷମା ମାଗିଥିଲେ। ଏ ନେଇ ସୋନାଲିଙ୍କ ସ୍ୱାମୀ ଆଶିଷ ଟାଉନ ଥାନାରେ ଏତଲା ଦେଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ସମ୍ପୃକ୍ତ ନର୍ସିଂହୋମ୍ ମାଲିକଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବା କି ଏଥିରେ ସମ୍ପୃକ୍ତ ନର୍ସିଂହୋମ୍ ମାଲିକଙ୍କ ସମେତ, ଡାକ୍ତର ଭିତିରିଆ, ଆୟୁଷ ଡାକ୍ତର ଦାସଙ୍କୁ ବି ଗିରଫ କରିନାହିଁ। ଯାହାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

- ଡାକ୍ତରଙ୍କ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ; ୧୧ରୁ ସିଲ୍ ନିର୍ଦ୍ଦେଶ
- ଆୟୁଷ ଡାକ୍ତରଙ୍କ ବିରୁଦ୍ଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ
- ପୁଷ୍ପମିତ୍ର ଭିତିରିଆଙ୍କ ଡାକ୍ତରୀ ପ୍ରାଇଭେଟ ପ୍ରାକ୍ଟିସ ଲାଇସେନ୍ସ ରଦ୍ଦ ପାଇଁ ସୁପାରିସ
- କାହିଁକି ହୋଇ ନାହିଁ ଏଫ୍‌ଆଇଆର; ବଢୁଛି ସନ୍ଦେହ

# ୯୦ କେଜି ଗଞ୍ଜେଇ ସହ କାର୍ ଜବତ; ୨ ଗିରଫ



**ରାଉରକେଲା, ୪।୬ (ସମିସ):** ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ କରମଡିହ ଛକରେ ବିଜୁ ଏକ୍ସପ୍ରେସ ୱେରେ ଏକ କାର୍‌ରୁ ଗଞ୍ଜେଇ ଜବତ କରିବା ସହ ପୁଲିସ ଉତ୍ତରପ୍ରଦେଶ ରାଜ୍ୟର ୨ ଜଣ ଗଞ୍ଜେଇ ମାଫିଆଙ୍କୁ ଗିରଫ କରିଛି। କାର୍‌ରୁ ପ୍ରାୟ ୯୦ କେଜି ଗଞ୍ଜେଇ ଜବତ କରାଯାଇଛି।

ପ୍ରକାଶ ଯେ, କରମଡିହ ଛକରେ ଏକ ମ କାରରେ ଗଂଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ଏସପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶକ୍ରମେ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ସଦର ଥାନା ପୁଲିସ ଚଢଉ କରିଥିଲା। କାର୍‌କୁ ଅଟକାଇ ଯାଞ୍ଚବେଳେ ଗଞ୍ଜେଇ ମିଳିଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ୮୯ କିଲୋଗ୍ରାମ ୮୦୦ ଗ୍ରାମ ଓଜନର ଗଂଜେଇ ଜବତ ସହ ଉତ୍ତରପ୍ରଦେଶ ଆହ୍ଲାବାଦ ଅଞ୍ଚଳର କୌଶଲ ଶ୍ରୀବାସ୍ତବ(୪୧) ଏବଂ ଉତ୍ତର ପ୍ରଦେଶ ସୁଲତାନପୁର ଅଞ୍ଚଳର ସୁନିଲ କୁମାର ସାହୁ(୩୫)ଙ୍କୁ ଗିରଫ କରିଥିଲା। ଏହି ଗଂଜେଇ ଓଡ଼ିଶାରୁ ଉତ୍ତରପ୍ରଦେଶକୁ ଚୋରା ଚାଲାଣ ହେଉଥିଲା ବୋଲି ତଦନ୍ତ ବେଳେ ଜଣାପଡ଼ିଛି। ଜବତ ଗଞ୍ଜେଇର ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ ବୋଲି ଏସପି ଶ୍ରୀମତୀ କୌର କହିଛନ୍ତି।

# ୩୨ ଟନ୍ ଚୋରି ଲୁହାପଥର ଜବତ : ୪ ଗିରଫ

**ରାଉରକେଲା, ୪।୬(ସମିସ):** ଖଣିଜ ଦ୍ରବ୍ୟର ବେଆଇନ ପରିବହନର ପର୍ଦ୍ଦାଫାସ କରି ରାଉରକେଲା ରଘୁନାଥପାଲୀ ପୁଲିସ ୪ ଜଣଙ୍କୁ ଗିରଫ କରିବା ସହ ୩୨.୦୯ ଟନ୍ ଚୋରା ଲୁହାପଥର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଲୁଙ୍ଗାର ମହମ୍ମଦ ତୌସିଫ୍ (୩୮), ଟିସିଆଇ ଫଳସାଟୋଲାର ସନ୍ଦୀପ ଶର୍ମା (୩୧), କେଉଁଝର ଜିଲ୍ଲା ଯୋଡାର କମାରଯୋଡାର ରାଜା ପାତ୍ର (୩୨) ଏବଂ ଟ୍ରକ୍ ଡ୍ରାଇଭର ରୋଶନ ଯାଦବ (୪୫)। ଏନେଇ ପାନପୋଷ ଏସ୍‌ଡିପିଓ ସୁଶାନ୍ତ କୁମାର ଦାଶ ରଘୁନାଥପାଲି ପୁଲିସ ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନାଦେଇ କହିଛନ୍ତି ଏହି ଖଣିଜ ପଦାର୍ଥ ଚୋରା ଚାଲାଣ ନେଇ ରଘୁନାଥପାଲି ଥାନାରେ ଗତ ଜୁନ୍ ୧ ତାରିଖରେ ଏକ ମାମଲା ରୁଜୁ କରାଯାଇଛି। ଗତ ଜୁନ୍ ୧ ତାରିଖରେ, ଏସଆଇ ସୂରଜ କଂସରାଲି, ଅନ୍ୟ ପୁଲିସ କର୍ମଚାରୀଙ୍କ ସହିତପାଟ୍ରୋଲିଂ ଡ୍ୟୁଟି କରୁଥିବାବେଳେ ଚୋରା ଲୁହାପଥର ଚାଲାଣ ହେଉଥିବା ନେଇ ସୂଚନା ମିଳିବାରୁ ବାଲୁଘାଟ ପାର୍କିଂ ନିକଟରେ ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ। ଟ୍ରକରେ ୩୨, ୦୯୦ କିଲୋଗ୍ରାମ ଓଜନର ଲୁହାପଥର ଲୋଡ ହୋଇଥିବା ବେଳେ ପଚରାଉଚରା ସମୟରେ ଉକ୍ତ ଖଣିଜ ପଦାର୍ଥ କେଉଁଝର ଜିଲ୍ଲାର ଯୋଡାର ବାଂଶପାଣି ଅଞ୍ଚଳରୁ ପରିବହନ କରାଯାଇଥିଲା ଏବଂ ଏହାକୁ ସୁନ୍ଦରଗଡ଼ ଜିଲ୍ଲାର କଲୁଙ୍ଗା ଅଞ୍ଚଳକୁ ବେଆଇନ ଭାବେ ଚାଲାଣ କରାଯାଉଥିଲା ବୋଲି ଟ୍ରକ୍ ଡ୍ରାଇଭର ରୋଶନ ଯାଦବ ସୂଚନା ଦେଇଥିଲା। ଏହି ଘଟଣାରେ ପୁଲିସ ଟ୍ରକ୍ ଡ୍ରାଇଭର ରୋଶନ ଯାଦବଙ୍କୁ ଜୁନ୍ ୧ ତାରିଖରେ ଗିରଫ କରିବା ଲୁହା ପଥର ବୋଝେଇ ଟ୍ରକକୁ ଜବତ କରିଥିଲା। ଅଧିକ ତଦନ୍ତ ପରେ ଜୁନ୍ ୩ ତାରିଖରେ ଏହି କାରବାରରେ ସମ୍ପୃକ୍ତ ଆଉ ତିନି ଜଣ ଅଭିଯୁକ୍ତ ମହମ୍ମଦ ତୌସିଫ୍, ସନ୍ଦୀପ ଶର୍ମା ଏବଂ ରାଜା ପାତ୍ରଙ୍କୁ ଗିରଫ କରାଯାଇଥିଲା। ତଦନ୍ତକାରୀ ପୁଲିସ ଅଧିକାରୀମାନେ ବେଆଇନ ଖଣିଜ ପରିବହନ ଏବଂ ଚୋରି ନେଟୱାର୍କ ସହିତ ଜଡିତ ଅନ୍ୟ ବ୍ୟକ୍ତିଙ୍କ ସମ୍ପୃକ୍ତି ବିଷୟରେ ମଧ୍ୟ ତଦନ୍ତ କରୁଥିବା ଜଣାପଡ଼ିଛି। ଏହି ଅଞ୍ଚଳରେ ବେଆଇନ ଖଣିଜ ପଦାର୍ଥ ଖଣି, ଚୋରି ଏବଂ ପରିବହନରେ ନିୟୋଜିତ ଥିବା ଲୋକଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ଏସ୍‌ଡିପିଓ ଶ୍ରୀ ଦାଶ କହିଛନ୍ତି।

**ଖଣି ଅଧିକାରୀ ଏବଂ ପୁଲିସକୁ ବାଲି ମାଫିଆଙ୍କ ଆକ୍ରମଣ ଘଟଣା**

# ୩ ଗିରଫ; ଆଉ ୩ ବାଲି ବୋଝେଇ ଟ୍ରାକ୍ଟର ଜବତ

**ରାଉରକେଲା, ୪।୬ (ସମିସ):** ବେଆଇନ ବାଲି ଖନନ ଓ ଚୋରା ଚାଲାଣ ଉପରେ ଚଢଉ କରିବାକୁ ଯାଇଥିବା ଖଣି ଅଧିକାରୀ ଓ ସୁନ୍ଦରଗଡ଼ ଟାଉନ ଥାନାର ପୁଲିସ କର୍ମଚାରୀଙ୍କୁ ବାଲି ମାଫିଆମାନେ ମରଣାନ୍ତକ ଆକ୍ରମଣ କରିବା ଘଟଣାରେ ଆଜି ପୁଲିସ ୩ ଜଣ ବାଲି ମାଫିଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମୀନକେତନ ରୋହିଦାସ, ନରହରି ନାଏକ ଏବଂ ଜଣେ ନାବାଳକ। ଏହାସହ ପୁଲିସ ହାତରୁ ବାଲି ମାଫିଆମାନେ ଛଡେଇ ନେଇଥିବା ୩ଟି ଜବତ ବାଲି ବୋଝେଇ ଟ୍ରାକ୍ଟରକୁ ବି ପୁଲିସ ପୁଣି ଜବତ କରିଛି।

ସୂଚନାଯୋଗ୍ୟ ଯେ, ସୁନ୍ଦରଗଡ଼ ଟାଉନ୍ ଥାନା ଅନ୍ତର୍ଗତ ଅମଲିପାଲି ବାଲି ଘାଟରେ ବାଲି ଚୋରା ଚାଲାଣ ହେଉଥିବା ନେଇ ଅଭିଯୋଗ ପାଇବା ପରେ ଗତକାଲି ସକାଳେ କନିଷ୍ଠ ଖଣି ଅଧିକାରୀ ଅକ୍ଷୟ କୁମାର କାଲୋ ଟାଉନ ଥାନା ପୁଲିସ ସହାୟତାରେ ଚଢ଼ଉ ପାଇଁ ଯାଇଥିଲେ। ଆମଲିପାଲି ଘାଟରେ ପହଞ୍ଚି ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ଅଟକାଇ କାଗଜପତ୍ର ଯାଞ୍ଚ ପାଇଁ ମାଗିବାରୁ ଉତ୍ତେଜନା ଆରମ୍ଭ ହୋଇଥିଲା। ବାଲି ମାଫିଆମାନେ ସଂଘବଦ୍ଧ ଭାବେ ଚଢ଼ଉ ପାଇଁ ଯାଉଥିବା ଟିମ୍‌କୁ ଆକ୍ରମଣ କରିଥିଲେ। ବିଚ୍ ରାସ୍ତାରେ ସ୍ପଷ୍ଟ ଦିବାଲୋକରେ ବାଲି ମାଫିଆ ଓ ସେମାନଙ୍କ ସହଯୋଗୀମାନେ ଖଣି ଅଧିକାରୀ ଶ୍ରୀ କାଲୋ ଏବଂ ପୁଲିସ କର୍ମଚାରୀଙ୍କୁ ଗାଳିଗୁଲଜ ସହ ବିଧା, ଗୋଇଠା ମାରିବା ସହ ଗଛଡାଳ ଭାଙ୍ଗି ଗୋଡ଼େଇ ଗୋଡ଼େଇ ପିଟିଥିଲେ। ଯାହାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହୋଇଥିଲା। ଏହାପରେ ଅଭିଯୁକ୍ତମାନେ ଜବତ ୪ଟି ଟ୍ରାକ୍ଟର ମଧ୍ୟରୁ ୩ଟି ବାଲି ବୋଝେଇ ଟ୍ରାକ୍ଟରକୁ ଜୋରଜବରଦସ୍ତ ନେଇ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ପୁଲିସ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଘଟଣା ସ୍ଥଳରୁ ୨ ଜଣଙ୍କୁ କାବୁ କରି ଥାନାରେ ଅଟକ ରଖି ପଚରାଉଚରା କରୁଥିଲା।

ଘଟଣା ସମ୍ପର୍କରେ କନିଷ୍ଠ ଖଣି ଅଧିକାରୀ ଅକ୍ଷୟ କୁମାର କାଲୋ ସୁନ୍ଦରଗଡ଼ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏ ନେଇ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ସୁନ୍ଦରଗଡ଼ ଏସ୍‌ପି ଅମ୍ରିତପାଲ କୌରଙ୍କ ନିର୍ଦ୍ଦେଶ କ୍ରମେ ଅଭିଯୁକ୍ତ ବାଲି ମାଫିଆମାନଙ୍କୁ ଗିରଫ କରିବା ପାଇଁ ସଦର ଏସଡିପିଓ ନିର୍ମଳ କୁମାର ମହାପାତ୍ରଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠିତ ହୋଇ ଏହି ଆକ୍ରମଣରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କୁ ଧରିବାକୁ ଚଢ଼ଉ ଜାରି ରହିଛି।

# ଆର୍‌ଏସ୍‌ପି ସିପିପି-୧ରେ ଜୀବାଶ୍ମ ଜାଳେଣି ବ୍ୟବହାର ହ୍ରାସ

**ରାଉରକେଲା, ୪।୬(ସମିସ):** ସମଗ୍ର ବିଶ୍ୱ ଯେତେବେଳେ ପରିବେଶ ଦିବସ ପାଳନ କରୁଛି ଏବଂ ଏକ ଚିରନ୍ତନ ଭବିଷ୍ୟତ ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଉଛି, ସେତିକିବେଳେ ଆର୍‌ଏସ୍‌ପି ସିପିପି - ୧(କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧)ରେ ଜୀବାଶ୍ମ ଜାଳେଣି ବ୍ୟବହାର ହ୍ରାସ କରି ଶିଳ୍ପ ଅଭିବୃଦ୍ଧି ଏବଂ ପରିବେଶର ସୁରକ୍ଷା ପରସ୍ପର ଏକ ସଙ୍ଗେ ଆଗକୁ ବଢ଼ିପାରିବ ବୋଲି ଏହା ପ୍ରମାଣିତ କରିପାରିଛି। ବିଗତ ବର୍ଷଗୁଡ଼ିକ ମଧ୍ୟରେ, ଦେଶର ଅନ୍ୟତମ ଅଗ୍ରଣୀ ପରିବେଶ ଅନୁକୂଳ ଇସ୍ପାତ ଉତ୍ପାଦକ ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିବାକୁ ଆର୍‌ଏସ୍‌ପି କ୍ରମାଗତ ଭାବରେ ଅଭିନବ ପ୍ରଯୁକ୍ତିବିଦ୍ୟା, ସମ୍ବଳ ସଂରକ୍ଷଣ ବ୍ୟବସ୍ଥା, ବର୍ଜ୍ୟବସ୍ତୁର ବ୍ୟବହାର ଏବଂ ନିର୍ଗମନ ହ୍ରାସ କରିବାର ପଦକ୍ଷେପଗୁଡ଼ିକୁ ଆପଣାଇ ଆସିଛି। ଶକ୍ତି ଦକ୍ଷତା, ଜଳ ସଂରକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିର୍ଗମନ ନିୟନ୍ତ୍ରଣ କ୍ଷେତ୍ରରେ ନିରନ୍ତର ପ୍ରୟାସ ମାଧ୍ୟମରେ ଏହି ପ୍ଲାଣ୍ଟ ଉତ୍ପାଦନ ସ୍ତରକୁ ବୃଦ୍ଧି କରିବା ସହିତ ନିଜର ପରିବେଶଗତ ପ୍ରଭାବକୁ କ୍ରମାଗତ ଭାବରେ ହ୍ରାସ କରିପାରିଛି। ଏହାର ଅନ୍ୟତମ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ହେଉଛି ଜୀବାଶ୍ମ ଜାଳେଣି ବ୍ୟବହାରକୁ ହ୍ରାସ କରିବା। ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଇସ୍ପାତ ପ୍ରସ୍ତୁତି ପ୍ରକ୍ରିୟା ସମୟରେ ନିର୍ଗତ ହେଉଥିବା ବର୍ଜ୍ୟ ଗ୍ୟାସଗୁଡ଼ିକୁ କ୍ୟାପ୍ଟିଭ୍ ପାୱାର ପ୍ଲାଣ୍ଟ-୧ର ବଏଲରଗୁଡ଼ିକରେ ପ୍ରଭାବଶାଳୀ ଭାବରେ ବ୍ୟବହାର କରାଯାଉଛି, ଯାହା ବଏଲର-ଗ୍ରେଡ୍ କୋଇଲାର ଆବଶ୍ୟକତାକୁ ଯଥେଷ୍ଟ ପରିମାଣରେ ହ୍ରାସ କରୁଛି। ଏହା କେବଳ ମୂଲ୍ୟବାନ ପ୍ରାକୃତିକ ସମ୍ବଳକୁ ସଂରକ୍ଷିତ କରୁନାହିଁ ବରଂ ଗ୍ରୀନ୍ ହାଉସ ଗ୍ୟାସ ନିର୍ଗମନକୁ ହ୍ରାସ କରିବାରେ ମଧ୍ୟ ସହଯୋଗ କରୁଛି।



ସବୁଜ ଇସ୍ପାତ ନିର୍ମାଣ ଦିଗରେ ଅନ୍ୟ ଏକ ଅଗ୍ରଗାମୀ ପଦକ୍ଷେପ ସ୍ୱରୂପ, ଆରଏସପି ବ୍ଲାଷ୍ଟ ଫର୍ଣ୍ଣେସ-୧ରେ ବାୟୋଚାର୍ ଇଞ୍ଜେକ୍ସନର ପରୀକ୍ଷଣ କରିଛି। ଏହି ପଦକ୍ଷେପର ଉଦ୍ଦେଶ୍ୟ ହେଉଛି ପାରମ୍ପରିକ ଅଙ୍ଗାରକାମ୍ଳ ଉତ୍ସଗୁଡ଼ିକୁ ଆଂଶିକ ଭାବରେ ଅକ୍ଷୟ ବାୟୋମାସ-ଆଧାରିତ ବିକଳ୍ପ ସହିତ ବଦଳାଇବା, ଯାହା ଦ୍ୱାରା ଲୁହା ପ୍ରସ୍ତୁତି ପ୍ରକ୍ରିୟାରୁ କାର୍ବନ ନିର୍ଗମନ ହ୍ରାସ ପାଇବ। ଏହି ପରୀକ୍ଷଣର ଫଳାଫଳ ପ୍ଲାଣ୍ଟର ଅନ୍ୟାନ୍ୟ ବ୍ଲାଷ୍ଟ ଫର୍ଣ୍ଣେସଗୁଡ଼ିକରେ ଏହି ପ୍ରଯୁକ୍ତିବିଦ୍ୟାର ବ୍ୟାପକ ବ୍ୟବହାର ପାଇଁ ପଥ ପରିଷ୍କାର କରିବ ବୋଲି ଆଶା କରାଯାଉଛି।

ସମ୍ବଳର ଦକ୍ଷ ବ୍ୟବହାର ଏବଂ ଚକ୍ରାକାର ଅର୍ଥନୀତିର ନୀତିଗୁଡ଼ିକ ମଧ୍ୟ ଆର.ଏସ.ପି.ର ପରିବେଶ ରଣନୀତିର କେନ୍ଦ୍ରବିନ୍ଦୁ ସଦୃଶ। କାରଖାନା ମେଟାଲର୍ଜିକାଲ୍ ବାଇ-ପ୍ରଡକ୍ଟସ ବା ଉପ-ଉତ୍ପାଦଗୁଡ଼ିକର ଲାଭଦାୟକ ବ୍ୟବହାର କ୍ଷେତ୍ରରେ ମଧ୍ୟ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ବ୍ଲାଷ୍ଟ ଫର୍ଣ୍ଣେସରୁ ବାହାରୁଥିବା ସ୍ଲାଗକୁ ସମ୍ପୂର୍ଣ୍ଣ ରୂପେ ବ୍ୟବହାର କରାଯାଉଥିବାବେଳେ, ବିଓଏଫ ଏବଂ ଏସଏମଏସ ସ୍ଲାଗ୍‌ର ଏକ ବଡ଼ ଅଂଶକୁ ଭିତ୍ତିଭୂମି ଏବଂ ଅନ୍ୟାନ୍ୟ କାର୍ଯ୍ୟ ପାଇଁ ଉପଯୋଗୀ ଉତ୍ପାଦରେ ପରିଣତ କରାଯାଉଛି। ଏହି ପ୍ରୟାସଗୁଡ଼ିକ କେବଳ ବର୍ଜ୍ୟବସ୍ତୁ ନିଷ୍କାସନକୁ ହ୍ରାସ କରୁନାହିଁ, ବରଂ ଶିଳ୍ପଜାତ ଉପ-ଉତ୍ପାଦଗୁଡ଼ିକରୁ ମୂଲ୍ୟ ମଧ୍ୟ ସୃଷ୍ଟି କରୁଛି।

# ୭ରେ ଖେଲୋ ଇଣ୍ଡିଆ ଅସ୍ମିତା ସାଇକଲ ପ୍ରତିଯୋଗିତା

**ରାଉରକେଲା, ୪।୬ (ସମିସ):** ରାଉରକେଲାରେ ପ୍ରଥମ ଥର ପାଇଁ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜିତ ହେବାକୁ ଯାଉଛି। କେନ୍ଦ୍ର କ୍ରୀଡ଼ା ବିଭାଗ ଦ୍ୱାରା ସମସ୍ତ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଖେଲୋ ଇଣ୍ଡିଆ ଅସ୍ମିତା ମହିଳା ସାଇକଲ ପ୍ରତିଯୋଗିତା ଆୟୋଜନ ହେଉଛି। ଏହି ପ୍ରତିଯୋଗିତା ଦ୍ୱାରା ଦେଶରେ କିପରି ମହିଳା ସାଇକଲ ଚାଳନା କରି ନିଜକୁ ଫିଟ୍ ରଖିବା ସହିତ ଦେଶ ପାଇଁ ଖେଳି ଦେଶକୁ ଗର୍ବିତ କରିବେ ସେ ନେଇ ମହିଳାଙ୍କ ପାଇଁ ଏହା ଏକ ସୁବର୍ଣ୍ଣ ସୁଯୋଗ। ଖାଲି ସେତିକି ନୁହେଁ ଏହି ପ୍ରତିଯୋଗିତାରେ ଯେଉଁମାନେ ପଦକ ଜିତିବେ ସେମାନେ ଖେଲୋ ଇଣ୍ଡିଆ ଯୋଜନାରେ ଅନ୍ତର୍ଭୁକ୍ତ ହୋଇ ଆର୍ଥିକ ରାଶି ପାଇବାର ସୁଯୋଗ ମଧ୍ୟ ପାଇବେ। ଓଡ଼ିଶା ସାଇକଲ ସଙ୍ଘ ଓ ରାଉରକେଲା ସାଇକ୍ଲିଙ୍ଗ କ୍ଲବ୍‌ର ମିଳିତ ସହଯୋଗରେ ଏହି ସାଇକଲ ଚାଳନା ପ୍ରତିଯୋଗିତା ଚଳିତ ମାସ ୭ ତାରିଖ ରବିବାର ସକାଳ ୬ଟାରେ ଟେଲିଫୋନ ଭବନ ପଡ଼ିଆରୁ ଆରମ୍ଭ ହୋଇ ସ୍ପେସ ଛକ ପର୍ଯ୍ୟନ୍ତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି। ଏହି ପ୍ରତିଯୋଗିତା ୩ ବର୍ଗ ତଥା ୧୪ ବର୍ଷରୁ କମ୍, ୧୬ ବର୍ଷରୁ କମ୍ ଓ ୧୭ ବର୍ଷରୁ ଊର୍ଦ୍ଧ୍ୱ ମହିଳାମାନେ ଭାଗ ନେବେ ବୋଲି ଆୟୋଜକ ରାଉରକେଲା ସାଇକେଲିଂ କ୍ଲବ୍ ପକ୍ଷରୁ ସୂଚନା ଦିଆଯାଇଛି।

# ରାଜ୍ୟସ୍ତରୀୟ ରଜ ମଉଜ ଉପଲକ୍ଷେ ପ୍ରତିଯୋଗିତା

**ରାଉରକେଲା, ୪।୬ (ସମିସ) :** ରାଉରକେଲାର ଅଗ୍ରଣୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ଆଦର୍ଶ ଯୁବ ପରିଷଦ ପକ୍ଷରୁ ଏହାର ୨୬ତମ ବାର୍ଷିକୋତ୍ସବର ପୁରସ୍କାର ବିତରଣୀ ଉତ୍ସବ ତଥା ୧୨ତମ ରାଜ୍ୟସ୍ତରୀୟ ରଜ ମଉଜ-୨୦୨୬ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଚଳିତ ମାସ ୭, ୧୦ ଓ ୧୨ ତାରିଖ ତିନି ଦିନ ଧରି ଅନୁଷ୍ଠିତ ହେବ।

ଚଳିତ ମାସ ୭ ତାରିଖ ଦିନ ସେକ୍ଟର-୧୯ ସ୍ଥିତ ଜ୍ଞାନଜ୍ୟୋତି ପବ୍ଲିକ୍ ସ୍କୁଲ ପରିସରରେ ସକାଳ ୯ଟାରୁ କେଜି-୨ ପର୍ଯ୍ୟନ୍ତ ପିଲାଙ୍କ ପାଇଁ ଗୁଡିରେ ରଙ୍ଗ ଦେବା, ୧ମରୁ ୩ୟ ଶ୍ରେଣୀ ପିଲାଙ୍କ ମଧ୍ୟରେ ଗୋଲାପ ଫୁଲରେ ରଙ୍ଗ ଦେବା, ୪ର୍ଥରୁ ୭ମ ଶ୍ରେଣୀ ପିଲାଙ୍କ ମଧ୍ୟରେ ସ୍ପେସ୍ ଛକର ଚିତ୍ରାଙ୍କନ କରିବା, ୮ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ପିଲାଙ୍କ ମଧ୍ୟରେ ରଜ ମହୋତ୍ସବ ପାଳନ ଦୃଶ୍ୟର ଚିତ୍ରାଙ୍କନ ଅନୁଷ୍ଠିତ ହେବ। ୧୦ ତାରିଖ ଦିନ ସ୍ଥାନୀୟ ସିଭିକ୍ ସେଣ୍ଟର ଠାରେ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ଓ ୪ର୍ଥରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ଉପଶାସ୍ତ୍ରୀୟ ନୃତ୍ୟ, ଏକକ ଅଣଶାସ୍ତ୍ରୀୟ ନୃତ୍ୟ ଓ ଏକକ ଭାରତୀୟ ଲୋକ ନୃତ୍ୟ ପ୍ରତିଯୋଗିତା, ୭ମ ଶ୍ରେଣୀ ପର୍ଯ୍ୟନ୍ତ ଏକକ ଶାସ୍ତ୍ରୀୟ ନୃତ୍ୟ, ସମସ୍ତଙ୍କ ପାଇଁ ଦଳଗତ ନୃତ୍ୟ, ସେହିପରି ଅପରାହ୍ଣ ୪ଟାରୁ ମହିଳାଙ୍କ ପାଇଁ ପାରମ୍ପରିକ କାର୍ଯ୍ୟକ୍ରମରେ ଶଙ୍ଖ ବାଦନ, ହୁଳହୁଳି, ପୋଡ ପିଠା, ଛଣା ପିଠା ଓ ସିଝା ପିଠା ପ୍ରତିଯୋଗିତା, ସନ୍ଧ୍ୟା ୮ଟାରୁ ପରିଷଦର ୨୬ତମ ବାର୍ଷିକୋତ୍ସବ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହେବ। ୧୨ ତାରିଖ ଦିନ ସିଭିକ୍ ସେଣ୍ଟର ଠାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ରଜ ମଉଜ ଷ୍ଟେଜ୍ ଶୋ, ଓଲିଉଡର ପ୍ରଖ୍ୟାତ କଣ୍ଠଶିଳ୍ପୀ ହ୍ୟୁମାନ ସାଗର ଓ ଅଭିଜିତ ମଜୁମଦାରଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ ସେମାନଙ୍କ ଲୋକପ୍ରିୟ ସଙ୍ଗୀତର ତାଳେ ତାଳେ ନୃତ୍ୟଭିତ୍ତିକ କାର୍ଯ୍ୟକ୍ରମ। ମହିଳାଙ୍କ ମଧ୍ୟରେ ରଜ ଫେସନ ଶୋ - ଓଡିଆଣୀ ପ୍ରତିଯୋଗିତା ଓ ରାଉରକେଲାର ପ୍ରଖ୍ୟାତ ନୃତ୍ୟ ଗୁରୁଙ୍କ ଦ୍ୱାରା ସ୍ୱତନ୍ତ୍ର ନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଶେଷରେ ରଜ ମଉଜର ପୁରସ୍କାର ବିତରଣୀ ଉତ୍ସବ ଅନୁଷ୍ଠିତ ହେବ ବୋଲି ପରିଷଦ ପକ୍ଷରୁ ଏକ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

**ଗରିମା ପରିବାର ଓ ଲାୟନ୍ସ ଇଣ୍ଟରନ୍ୟାସନାଲ ମିଳିତ ସହଯୋଗ**

# ୧୭ରେ ରଜ ମଉଜରେ ରଜ ରାଜକୁମାରୀ ସିଜିନ୍-୫




**ରାଉରକେଲା, ୪।୬(ସମିସ):** ଗରିମା ପରିବାର ଏବଂ ଲାୟନ୍ସ ଇଣ୍ଟରନ୍ୟାସନାଲ ରାଉରକେଲା ପକ୍ଷରୁ ଚଳିତ ବର୍ଷ ଜୁନ ୭ରୁ ୧୭ ପର୍ଯ୍ୟନ୍ତ ରଜ ମଉଜ-ରଜ ରାଜକୁମାରୀ ସିଜିନ୍-୫ ଅନୁଷ୍ଠିତ ହେବ। ଏ ସମ୍ପର୍କରେ ସେକ୍ଟର-୬ ବସ୍ତିଆ ଭବନଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଗରିମା ପରିବାରର ପ୍ରତିଷ୍ଠାତା ଶଙ୍କର ଜେନାଙ୍କ ଅଧ୍ୟକ୍ଷତାରେ ଓ ସଭାପତି ମମତା ନାୟକଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ଗରିମା ପରିବାର ସହିତ ଲାୟନ୍ସ ଇଣ୍ଟରନ୍ୟାସନାଲ ଲେଡି ଲାୟନ୍ସର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଓଲିଉଡ୍ ଅଭିନେତ୍ରୀ ଭୂମିକା ଏବଂ ଅଭିନେତା ପୁପିନ୍ଦରଙ୍କ ପଦାର୍ପଣରେ ରଜ ମଉଜ-ରଜ ରାଜକୁମାରୀ ସିଜିନ୍-୫ ବେଶ୍ ଆକର୍ଷଣୀୟ ହେବ ବୋଲି କୁହାଯାଇଛି।

ଗରିମା ପରିବାର ଏବଂ ଲାୟନ୍ସ ଇଣ୍ଟରନ୍ୟାସନାଲ ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ସଂସ୍କୃତି ଓ ପରମ୍ପରାର ଉତ୍ସବ 'ରଜ ରାଜକୁମାରୀ ସିଜିନ୍-୫'ର ଅଡିସନ୍ ଜୁନ୍ ୭ରେ ସେକ୍ଟର-୨୦ ରାଉରକେଲା କ୍ଲବରେ ଆରମ୍ଭ ହେବାକୁ ଥିଲାବେଳେ, ଗ୍ରାଣ୍ଡ ଫାଇନାଲ ସେକ୍ଟର-୧୯ ସିଭିକ୍ ସେଣ୍ଟର୍ ଠାରେ ଆୟୋଜିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ୧୩ ବର୍ଷରୁ ୨୩ ବର୍ଷ ମଧ୍ୟରେ ଅଂଶଗ୍ରହଣ କରିପାରିବେ ବୋଲି ସୂଚନା ଦିଆଯାଇଛି। ସେହିପରି ପ୍ରତ୍ୟେକ ଅଂଶଗ୍ରହଣ କାରୀଙ୍କୁ ପୁରସ୍କାର ସହ ଶ୍ରେଷ୍ଠ ବିଜୟିନୀମାନଙ୍କୁ ଆକର୍ଷଣୀୟ ପୁରସ୍କାର ସହ ନଗଦ ଅର୍ଥ ପ୍ରଦାନ କରାଯିବ ବୋଲି ସୂଚନା ଦିଆଯାଇଥିଲା। ଏହି ସମ୍ମିଳନୀରେ ଲାୟନ୍ସ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ମମତା ଗୌତମ, ସମ୍ପାଦକ ରାଧିକା ରୁଚି ଗୌତମ, ନିବେଦିତା ମିଶ୍ର, ଙ୍ଗ ଗୌତମ ମିଶ୍ର, ଲଳିତେନ୍ଦୁ ଚୌଧୁରୀ, ଗରିମା ପରିବାରର ମୋନାଲିସା ସାହୁ ପ୍ରମୁଖ ଏ ସମ୍ପର୍କରେ ସାମ୍ବାଦିକଙ୍କୁ ସୂଚନା ପ୍ରଦାନ କରିଥିଲା ବେଳେ ଶେଷରେ ଲୀନା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ।

**ସମ୍ପ୍ରସାରିତ କ୍ୱାର୍ଟର୍ସ ଭାଙ୍ଗିବାକୁ ନୋଟିସ**

# ପ୍ରତିବାଦରେ ରାଉରକେଲା ଶ୍ରମିକ ସଂଘର ବିଶାଳ ଗଣଧାରଣା

**ରାଉରକେଲା, ୪।୬(ସମିସ)**

ରାଉରକେଲା ଇସ୍ପାତ କାରଖାନାର ଅବସରପ୍ରାପ୍ତ କର୍ମଚାରୀଙ୍କ ଲାଇସେନ୍ସ ପ୍ରାପ୍ତ ସମ୍ପ୍ରସାରିତ ଆରଏସପି କ୍ୱାର୍ଟର୍ସ ଉଚ୍ଛେଦ ପାଇଁ ଆରଏସପି ପକ୍ଷରୁ କରାଯାଇଥିବା ବିଜ୍ଞପ୍ତିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର ସମେତ ବିଭିନ୍ନ ଦାବିରେ ଆଜି ରାଉରକେଲା ଶ୍ରମିକ ସଂଘର ଆହ୍ୱାନ କ୍ରମେ ସେକ୍ଟର୨ ସହରସେବା କାର୍ଯ୍ୟାଳୟ ସମ୍ମୁଖରେ ଦିବସବ୍ୟାପୀ ଏକ ବିଶାଳ ଗଣଧାରଣା ଓ ଗଣବିକ୍ଷୋଭ ଅନୁଷ୍ଠିତ ହୋଇଥିଲା। ଆରଏସଏସର ସାଧାରଣ ସମ୍ପାଦକ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ହୋଇଥିବା ଏହି ଗଣଧାରଣାରେ ବହୁ ସଂଖ୍ୟାରେ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ, ବିଭିନ୍ନ ଶ୍ରମିକ ସଂଗଠନ, ସାମାଜିକ ସଂଗଠନ ଓ ବିଭିନ୍ନ ରାଜନୈତିକ ଦଳର ନେତୃବୃନ୍ଦ ଯୋଗଦେଇ ସମର୍ଥନ ଜଣାଇଥିଲେ।।




ଏହି ଗଣଧାରଣା ଆଜି ସକାଳ ୯ରୁ ଆରମ୍ଭ ହୋଇଥିବାବେଳେ ପ୍ରଥମେ ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ସାଧାରଣ ସମ୍ପାଦକ ଶ୍ରୀ ବେହେରା କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଉଦ୍‌ବୋଧନ ଦେଇ ଶ୍ରୀ ବେହେରା କହିଥିଲେ ଯେ, ଯେଉଁ ଶ୍ରମିକମାନେ ନିଜ ଜୀବନର ଅମୂଲ୍ୟ ସମୟ, ଶ୍ରମ, ଲୁହ ଓ ଲହୁ ଦେଇ ଇସ୍ପାତ କାରଖାନା ଏବଂ ଇସ୍ପାତ ନଗରୀ ଗଢ଼ିଛନ୍ତି, ସେମାନଙ୍କୁ ଅବସର ପରେ ଅଯଥା ହଇରାଣ କରିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ସେ ଚେତାବନୀ ଦେଇ କହିଥିଲେ ଯେ, ଦୀର୍ଘ ୨୦ ବର୍ଷ ଧରି କ୍ୱାର୍ଟର୍ସ ବାବଦରେ ୩୫୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଅବସରପ୍ରାପ୍ତ କର୍ମଚାରୀଙ୍କ ଠାରୁ ଆଦାୟ କରାଯାଇଛି ଏବଂ ମାସିକ ଭଡ଼ା ମଧ୍ୟ ନିଆଯାଉଛି। ତେଣୁ ଅବସରପ୍ରାପ୍ତ କର୍ମଚାରୀଙ୍କୁ ବଳପୂର୍ବକ ଉଚ୍ଛେଦ କରିବାର ଯେକୌଣସି ପ୍ରୟାସକୁ ସଂଘ ଦୃଢ଼ ଭାବେ ପ୍ରତିରୋଧ କରିବ। କୌଣସି ପରିସ୍ଥିତିରେ କ୍ୱାର୍ଟର୍ସ ସମ୍ପ୍ରସାରଣକୁ ଭଙ୍ଗାଯିବାକୁ ଦିଆଯିବ ନାହିଁ ଏବଂ ଏଥିରୁ ସୃଷ୍ଟି ହେବାକୁ ଥିବା ଯେକୌଣସି ଅପ୍ରୀତିକର ପରିସ୍ଥିତି ପାଇଁ ଇସ୍ପାତ କର୍ତ୍ତୃପକ୍ଷ ହିଁ ଦାୟୀ ରହିବେ। ସେଥିପାଇଁ ଦଳମତ ନିର୍ବିଶେଷରେ ସମସ୍ତେ ଏକଜୁଟ ହେବାର ଆବଶ୍ୟକତା ଅଛି।

ଏହି ଗଣଧାରଣାରେ ରାଉରକେଲାର ବିଧାୟକ ସାରଦା ପ୍ରସାଦ ନାୟକ, ବିଶିଷ୍ଟ ଶ୍ରମିକ ନେତା ଏଆଇଟିୟୁସିର ରମେଶ ସେଠୀ, ସିଆଇଟିୟୁର ବସନ୍ତ କୁମାର ନାୟକ, ରତ୍ନାକର ନାୟକ, ଆର୍‌ଏମ୍‌ଏସ୍‌ର ସିଦ୍ଧେଶ୍ୱର ବଳ, କଳାକାର ସାହୁ, ସତ୍ୟାନନ୍ଦ ବେହେରା, ଜିଲ୍ଲା କଂଗ୍ରେସ ସଭାପତି ସବୀର ହୁସେନ, ଇସ୍ପାତ ମାର୍କେଟର ସୁଜିତ କୁମାର ସ୍ୱାଇଁ, ସମାଜସେବୀ ପ୍ରଶାନ୍ତ ସେଠୀ, ଗୋପାଳ ଜେନା, ଖଦାଳ ସେଠୀ, ପି.ପି. ରାୟ, ସରୋଜ କୁମାର ଲେଙ୍କା, ଜଗନ୍ନାଥ ରାଉତ, ପ୍ରଭାତୀ ପଟ୍ଟନାୟକ, ସୁକାନ୍ତ ଖୁଣ୍ଟିଆ, ସମାଜସେବୀ ଜୟଶ୍ରୀ ପାଣିଗ୍ରାହୀ, ଦିଲ୍ଲୀପ କୁମାର ମହାପାତ୍ର, ଚକ୍ରଧର ପ୍ରଧାନ, ନିହାର ଦାସ, ଆର୍.କେ. ପଣ୍ଡା, ଅକ୍ଷୟ ଜେନା, ପଦ୍ମାଳୟା ଧର, କେ ଏନ ବିଶ୍ୱାଳ, ବୀରକିଶୋର ଶେଖରଦେଓ ଓ ପ୍ରତାପ ମେହେର ପ୍ରମୁଖ ଉଦ୍‌ବୋଧନ ଦେଇ ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ମନମୁଖୀ ନୀତି ଓ କର୍ମଚାରୀ ବିରୋଧୀ ପଦକ୍ଷେପକୁ ଦୃଢ଼ ପ୍ରତିବାଦ କରିବା ସହ ଲାଇସେନ୍ସ ଆଧାରରେ ଅବସରପ୍ରାପ୍ତ କର୍ମଚାରୀମାନେ ନେଇଥିବା କ୍ୱାର୍ଟର୍ସ ଏକ୍ସଟେନ୍ସନ୍ ଭଙ୍ଗା ନୋଟିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର, ଅବସରପ୍ରାପ୍ତ କର୍ମଚାରୀଙ୍କ ପାଇଁ ୧୮ ମାସିଆ କ୍ୱାର୍ଟର ରିଟେନସନ୍ ସ୍କିମ୍‌ର ପୁନଃ ପ୍ରଚଳନ ଏବଂ କର୍ମଚାରୀଙ୍କ ପାଇଁ ଡବଲ୍ କ୍ୱାର୍ଟର ସ୍କିମ୍‌କୁ ବଳବତ୍ତର ରଖିବା ପାଇଁ ଦାବି କରିଥିଲେ।

ଶେଷରେ ପ୍ରଶାନ୍ତ କୁମାର ବେହେରାଙ୍କ ନେତୃତ୍ୱରେ ସଂଘର କର୍ମକର୍ତ୍ତା ଏବଂ ଅବସରପ୍ରାପ୍ତ କର୍ମଚାରୀଙ୍କ ଏକ ପ୍ରତିନିଧିମଣ୍ଡଳୀ ଆରଏସପି ଡିଆଇସିଙ୍କ ଉଦ୍ଦେଶ୍ୟରେ ସହରସେବା ମୁଖ୍ୟ ଟି.ଜି କାନେକରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।

କାର୍ଯ୍ୟକ୍ରମ ପରିଚାଳନା ଓ ସଫଳତାରେ ସଂଘର ୟୁଥ୍ ଉଇଙ୍ଗ ସଭାପତି ବିକାଶ ବେହୁରିଆ, ସୌମ୍ୟ ଧଳ, ଅଖିଳ ପୃଷ୍ଟି, ସୁଜିତ ନାୟକ, ସତ୍ୟ ପ୍ରଧାନ, ବ୍ରହ୍ମାନନ୍ଦ ବେହେରା, ଦିଲୀପ କୁମାର ମଲ୍ଲିକ, ସୁକାନ୍ତ କୁମାର ନାୟକ, ଦୀପକ ଦେ, ସୁଦନ ଚୌଧୁରୀ, ଦୀପଙ୍କର ପାଲ୍, ପ୍ରଦୀପ ଶେଖରଦେଓ, ସୁରେଶ କିଶାନ, ପ୍ରଫୁଲ୍ଲ ଦାସ, ରମାକାନ୍ତ ପରିଡ଼ା, ଗୌରାଙ୍ଗ ପରିଜା, ତ୍ରିଲୋଚନ ପାଣିଗ୍ରାହୀ, ସରୋଜ ପରିଡ଼ା, ସୁନିଲ ଟୁଡୁ, ଦେବାଶିଷ ଜେନା, ଦୁର୍ଗା ଜେନା, ବିନୋଦ ତନ୍ତୀ, କାର୍ତ୍ତିକ ଖଣ୍ଡୁଆଳ ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

### ଧର୍ମଗଡ଼ରେ ବିଜୁ ମହିଳା ଜନତା ଦଳର ପ୍ରତିବାଦ

# ନାରୀ ଅଧିକାର ଅଭିଯାନ ସହ ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର



**ଧର୍ମଗଡ଼, ୪।୬(ସମିସ):** ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଜୁ ମହିଳା ଜନତା ଦଳ ତରଫରୁ ଧର୍ମଗଡ଼ ବ୍ଲକ ଅଫିସ ସାମ୍ନାରେ ଏକ ବିଶାଳ 'ନାରୀ ଅଧିକାର ଅଭିଯାନ' ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରର ବିଜେପି ସରକାର ମହିଳାମାନଙ୍କୁ ୩୩ ପ୍ରତିଶତ ସଂରକ୍ଷଣ ଦେବାରେ ବିଫଳ ହେବା ଏବଂ ଦେଶରେ କ୍ରମାଗତ ଭାବେ ବଢ଼ି ଚାଲିଥିବା ନାରୀ ନିର୍ଯାତନାକୁ ନିୟନ୍ତ୍ରଣ କରିବାରେ ଅସମର୍ଥ ହେଉଥିବା ପ୍ରତିବାଦରେ ଏହି ଆନ୍ଦୋଳନ କରାଯାଇଛି। ଏହି ଅବସରରେ ମହିଳା ବିଜେଡି ପକ୍ଷରୁ ମହାମହିମ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଏଥିରେ ପୂର୍ବତନ ମନ୍ତ୍ରୀ ପୁଷ୍ପେନ୍ଦ୍ର ସିଂଦେଓ, ନର୍ଲା ବିଧାୟିକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ମୌଷଧି ବାଗ ଏବଂ ପୂର୍ବତନ ବିଧାୟକ ଗୋବର୍ଦ୍ଧନ ଦାସ, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ସଭାନେତ୍ରୀ ଲଳିତା ନାଏକ, ସବିତା ପ୍ରଧାନ, ପୂର୍ବତନ ଏନଏସି ଅଧ୍ୟକ୍ଷା ହୀରା ବାଗ, ଧର୍ମଗଡ଼ ବ୍ଲକ ସଭାପତି ଡାକେଶ୍ୱର ଲହଜଲ, ବ୍ଲକ ସଭାନେତ୍ରୀ ମମତା ଗୋପାଳ, ଯୁବନେତା ଭବାନୀ ବଣିଆ, ଜିଲ୍ଲା ପରିଷଦ ସଦସ୍ୟ ଗୋପି ମହାନନ୍ଦ, ପ୍ରଣବ ଭଏସାଲ, ଶଙ୍କର ଜୁଏଲ୍ ଏବଂ ମହିଳା ନେତ୍ରୀ କଲ୍ୟାଣି ନାଏକଙ୍କ ସମେତ ଶତାଧିକ ମହିଳା କର୍ମୀ ଓ ଦଳୀୟ ପଦାଧିକାରୀ ଉପସ୍ଥିତ ଥିଲେ।

### ଚାଷୀଙ୍କ ଜିଦ୍ ଆଗରେ ନଇଁଲା ସରକାର

# ମାସକର ସଂଘର୍ଷ ପରେ ହକ୍ ଛଡ଼ାଇ ଆଣିଲେ ଅନ୍ନଦାତା

**କୋକସରା, ୪।୬(ସମିସ)**

ଶେଷରେ ହାର ମାନିଲା ପ୍ରଶାସନ, ଜିତିଗଲେ ଅନ୍ନଦାତା। ପାଖାପାଖି ଏକ ମାସର ସଂଘର୍ଷ ପରେ ସରକାରଙ୍କ ଆଗରେ ନିଜ ହକ୍ ଛଡ଼ାଇ ଆଣିଛନ୍ତି ମେଗା ଲିଫ୍ଟ ପ୍ରକଳ୍ପ ଜରିଆରେ ଚାଷ କରିଥିବା କୋକସରା, ଜୟପାଟଣା ଓ ଧର୍ମଗଡ଼ ଅଞ୍ଚଳର ଚାଷୀ। ପି-ପାସ୍ ପୋର୍ଟାଲ ଖୋଲିବା ଓ ପଞ୍ଜୀକରଣ ଦାବିରେ ପ୍ରାୟ ଏକ ମାସ କାଳ କୋକସରା ଥାନା ସମ୍ମୁଖ ଜାତୀୟ ରାଜପଥ କଡ଼ରେ ଖରା, ବର୍ଷାକୁ ଖାତିର ନକରି ଚାଲିଥିଲା ଆନ୍ଦୋଳନ। ୨ ତାରିଖରୁ ଚାଷୀମାନେ ସମସ୍ତ ପ୍ରସ୍ତୁତି ସହ ଗତ ୮ ତାରିଖରେ କୋକସରାଠାରେ ଜାତୀୟ ରାଜପଥ ଅବରୋଧ, ପରେ ୧୨ ଦିନର ଧାରଣା ସହ ଜିଲ୍ଲାପାଳ କାର୍ଯ୍ୟାଳୟ ଘେରଉ ସତ୍ତ୍ୱେ ପ୍ରଶାସନ ପକ୍ଷରୁ କୌଣସି ସକରାତ୍ମକ ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଏହାପରେ ଚାଷୀ ୨ଦିନ ପାଇଁ ଆମରଣ ଅନଶନରେ ବସିଥିଲେ।



ଜିଲ୍ଲାପାଳ ଆସି ଚାଷୀମାନଙ୍କୁ ୪ ଦିନର ସମୟ ମାଗିଥିଲେ ସତ ହେଲେ ୧୩ ଦିନ ପରେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଏହାପରେ ପୁଣି ଥରେ ପ୍ରାୟ ୩୦ରୁ ଊର୍ଦ୍ଧ୍ୱ ଚାଷୀ ଦିତୀୟଥର ପାଇଁ ଆମରଣ ଅନଶନରେ ବସିଲେ। ତେବେ ଆମରଣ ଅନଶନର ଦ୍ୱିତୀୟ ଦିନ ଅର୍ଥାତ୍ ଗୁରୁବାର ସରକାର ଓ ପ୍ରଶାସନକୁ ଚାଷୀଙ୍କ ଜିଦ୍ ଆଗରେ ନଇଁବାକୁ ପଡ଼ିଥିଲା। ସରକାରୀ ସ୍ତରରେ ତତ୍ପରତା ପ୍ରକାଶ ପାଇବା ସହ ଚାଷୀଙ୍କ ମୋବାଇଲକୁ ଧାନ ବିକ୍ରି ପାଇଁ 'ଟୋକନ୍' ମେସେଜ୍ ଆସିବା ଆରମ୍ଭ ହୋଇଥିଲା। ଏହାପରେ କୋକସରା ତହସିଲଦାର ଚୋଡ଼ଗଙ୍ଗ ପ୍ରଧାନ ଅନଶନସ୍ଥଳରେ ପହଞ୍ଚି ଚାଷୀଙ୍କୁ ଟୋକନ ଆସିବା ସମ୍ପର୍କରେ ସୂଚନା ଦେବାପରେ ଚାଷୀମାନେ ଆନ୍ଦୋଳନରୁ ଓହରିଥିଲେ। ଚାଷୀ ସଂଘ ପକ୍ଷରୁ କୁହାଯାଇଛି ଯେ, ଏହା କେବଳ ଆନ୍ଦୋଳନର ବିଜୟ ନୁହେଁ, ବରଂ ଚାଷୀ ଏକତା ଓ ସେମାନଙ୍କ ନ୍ୟାଯ୍ୟ ହକ୍‌ର ବିଜୟ। ଏହି ସଫଳ ଆନ୍ଦୋଳନ ଇନ୍ଦ୍ରାବତୀ ମେଗା ଉଠା ଜଳସେଚନ ଚାଷୀ ସଂଘର ସଭାପତି ପୁରୁଷୋତ୍ତମ ଦାସ ଗୁପ୍ତା ଓ ଉପସଭାପତି ରାଜୀବ କୁମାର ଅଗ୍ରୱାଲଙ୍କ ନେତୃତ୍ୱରେ ପରିଚାଳିତ ହୋଇଥିଲା। ଏଥିରେ ବରିଷ୍ଠ ଆଇନଜୀବୀ ଦିଗାମ୍ବର ଦୁଆରୀ, ପ୍ରଶାନ୍ତ ତିୱାରୀ, ରବିନାରାୟଣ ଦାସ, ଦୁର୍ଗା ନାଏକ, ତ୍ରିଭୁବନ ପ୍ରଧାନୀ, ବେଣୁଧର ଦୁର୍ଗା, ପଞ୍ଚକ ପୋଡ଼, ନିମାଇଁଚରଣ ଧଙ୍ଗଡ଼ାମାଝୀ, ପଙ୍କଜ ମୁଖ ଚୈଧୁରୀ, ଅରୁଣ ମାଝୀ, ଧବଳେଶ୍ୱର ନାଗ, ପ୍ରମୋଦ ପଣ୍ଡା, ଆମେଜ ଧରୁଆ, ଦିଗାମ୍ବର ବେମାଲ, ସହଦେବ ଦାସ, ଯୁବରାଜ ପୋଡ଼, ବିଶ୍ୱନାଥ ପଟ୍ଟନାୟକ, ନବୀନ ନାଏକ, ଗୋବର୍ଦ୍ଧନ ବାଗ, ବସନ୍ତ ପଟ୍ଟନାୟକ, ତ୍ରିମୋହନ ନାଏକ, ଭକ୍ତିରାମ ପୋଡ଼, ନିଳାମ୍ବର ବାରିକଙ୍କ ସମେତ ତିନୋଟି ବ୍ଲକର ଶତାଧିକ ଚାଷୀ ସାମିଲ ହୋଇଥିଲେ।

# ମିଲର୍ସ ଆସୁନାହାନ୍ତି, ଉଠୁନି ଧାନ

**ଭବାନୀପାଟଣା, ୪।୬(ସମିସ):** କଳାହାଣ୍ଡି ଜିଲ୍ଲାରେ ଚଳିତ ରବି ଧାନ ସଂଗ୍ରହ ପ୍ରକ୍ରିୟାକୁ ଇତିମଧ୍ୟରେ ୨ ସପ୍ତାହ ପୂରିଥିବା ବେଳେ ଧାନ କିଣାବିକା ସମସ୍ୟା ଅସମାହିତ ରହି ଯାଇଛି। ମଣ୍ଡିକୁ ଧାନ ଆସୁଛି। କିନ୍ତୁ ଧାନ ଉଠାଇବା ପାଇଁ ମିଲର୍ସ ଆସୁନାହାନ୍ତି। କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଚିଟିଗୁଡା ପଞ୍ଚାୟତର ନୂଆଗୁଡା ମଣ୍ଡିରେ ଏଭଳି ସ୍ଥିତି ଦେଖିବାକୁ ମିଳିଛି। ମିଲର୍ସ ଆସୁ ନ ଥିବାରୁ ମଣ୍ଡି ଆରମ୍ଭ ଦିନ ଠାରୁ ଏ ଯାଏଁ ଚାଷୀଙ୍କ ମୁଠାଏ ବି ଧାନ ଉଠି ପାରିନାହିଁ। ଯାହାକୁ ନେଇ ସ୍ଥାନୀୟ ଚାଷୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖିବାକୁ ମିଳିଛି। ପ୍ରକାଶ ଯେ, ନୂଆଗୁଡା ମଣ୍ଡିରେ ଧାନ ଉଠାଣ ପାଇଁ ଏସ.କୁଣ୍ଡାମାଳସ୍ଥିତ ଗଣପତି ଏଗ୍ରୋ, ମହିଭର ସ୍ଥିତ ଜୟ ଭବାନୀ, କେସିଙ୍ଗା ସ୍ଥିତ ସିର୍ଦ୍ଧାର୍ଥ ଓ ଅର୍ଣ୍ଣ ପୂର୍ଣ୍ଣା ରାଇସ ମିଲକୁ ନିୟୋଜିତ କରାଯାଇଛି। ଗତ ୨୦ ଓ ୨୧ର ଟୋକନ ପାଇ ସ୍ଥାନୀୟ ୪୪ ଜଣ ଚାଷୀ ପ୍ରାୟ ୨୪୨୮ କୁଇଣ୍ଟାଲ ଧାନକୁ ଆଣି ମଣ୍ଡିରେ ରଖିଛନ୍ତି। ହେଲେ ନିୟୋଜିତ ହୋଇଥିବା ମିଲର୍ସ ଆସୁନଥିବାରୁ ମଣ୍ଡିରୁ ଧାନ ଉଠିପାରିନାହିଁ।ମଣ୍ଡିରୁ ଧାନ କିଣା ଦାୟିତ୍ୱ ପ୍ୟାକ୍ସର ରହିଥିବାବେଳେ ସ୍ଥାନୀୟ ପାକ୍ସ ସମ୍ପାଦକଙ୍କ ଅବହେଳା ଯୋଗୁଁ ମଣ୍ଡି ପରିଚାଳନାରେ ଏପରି ସମସ୍ୟା ସୃଷ୍ଟି ହେଉଥିବା ଚାଷୀ ଅଭିଯୋଗ କରିଛନ୍ତି। ଏ ନେଇଁ ଦାୟିତ୍ୱରେ ଥିବା ଭାରପ୍ରାପ୍ତ ପ୍ୟାକ୍ସ ସମ୍ପାଦକ କୁଳମଣି ମେହେରଙ୍କୁ ପଚାରିବାରୁ ମିଲର୍ସ ଆସୁନଥିବାରୁ ଧାନ ଉଠୁ ନାହିଁ ବୋଲି ଅତି ହାଲୁକା ଭାବେ ସଫେଇ ଦେଇଛନ୍ତି। ଅନ୍ୟପଟେ ଜିଲ୍ଲାରେ ତୁହାକୁ ତୁହା ଝଡ଼ବର୍ଷା ମାଡ଼ି ଆସୁଛି। ଆଜି ମଧ୍ୟ ବିଭିନ୍ନ ସ୍ଥାନରେ ଏଭଳି ଝଡ଼ବର୍ଷା ହୋଇଛି। ସ୍ଥିତିକୁ ନେଇ ସ୍ଥାନୀୟ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ ମଲ୍ଲିକଙ୍କୁ ପଚାରୁବାରୁ ମୁଁ ମିଲରମାନଙ୍କୁ ଫୋନ କରିଛି ଗୁରୁବାର ଠାରୁ ଧାନ ଉଠିବ ବୋଲି କହିଥିଲେ। ସମୁଦାୟ ବ୍ୟବସ୍ଥା ଯେମିତି କାହାକୁ ଫରକ୍ ପଡୁନାହିଁ ବୋଲି ସାଧାରଣରେ ଅଭିଯୋଗ ହୋଇଛି।

# କାଙ୍କେରୀରେ ବିଶ୍ୱ ସାଇକଲ ଦିବସ

**ଧର୍ମଗଡ଼, ୪।୬(ସମିସ):** କଳାହାଣ୍ଡି 'ମେରା ଯୁବା ଭାରତ, କଳାହାଣ୍ଡି' ଏବଂ ମା' ଡୁମେରମୁଡେନ ଯୁବକ ସଂଘ, କାଙ୍କେରୀ'ର ମିଳିତ ଆନୁକୂଲ୍ୟରେ ବିଶ୍ୱ ସାଇକଲ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ କାଙ୍କେରୀ ସ୍କୁଲ ପରିସରରୁ ସାଇକଲ ଶୋଭାଯାତ୍ରା ବାହାରି ଛତିଶଗଡ଼ ସୀମାନ୍ତ ପର୍ଯ୍ୟନ୍ତ ଯାଇଥିଲା। କାର୍ଯ୍ୟକ୍ରମରେ ବିଜେପି ସାଧାରଣ ସମ୍ପାଦକ ହିମାଂଶୁ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ କାଙ୍କେରୀ ସରପଞ୍ଚ ମମତା କେତକୀ, ଯୁବନେତା ଲଳିତ କୁମାର ବାଗ, ଯୁବନେତା ଶ୍ୟାମଘନ କେତକୀ, କ୍ରୀଡ଼ା ଶିକ୍ଷକ ମୁକୁନ୍ଦ ହଂସ ଏବଂ କୃଷକ ସାଥୀ ଅଶ୍ୱିନ ମେହେର ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ଅତିଥିମାନେ ସାଇକଲ ଚଲାଇବାର ଉପକାରିତା ଉପରେ ଆଲୋକପାତ କରି କହିଥିଲେ। କାର୍ଯ୍ୟକ୍ରମ 'ମେରା ଯୁବା ଭାରତ, କଳାହାଣ୍ଡି'ର ସ୍ୱେଚ୍ଛାସେବୀ ମହେଶ୍ୱର ସୁନାନୀଙ୍କ ତତ୍ତ୍ୱବଧାନ ଓ ପରିଚାଳନାରେ ସମ୍ପନ୍ନ ହୋଇଥିଲା।

### ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର

# ନବଜାତକୁ ଧରି ବରଗଛ ମୂଳେ ପ୍ରସୂତି

**ନୂଆପଡ଼ା/କୋମନା, ୪।୬(ସମିସ):** ସରକାରୀ ସ୍ୱାସ୍ଥ୍ୟସେବାର ଅସଲ ଚେହେରା ପଦାରେ ପକାଇଛି ନୂଆପଡ଼ା ଜିଲ୍ଲା ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର (ସିଏଚ୍‌ସି)। ପ୍ରଚଣ୍ଡ ରୌଦ୍ରତାପ ଏବଂ ଅସହ୍ୟ ଗୁଳୁଗୁଳି ମଧ୍ୟରେ ଏହି ହସ୍ପିଟାଲକୁ ଆସୁଥିବା ଗର୍ଭବତୀ ମହିଳା ଓ ସେମାନଙ୍କ ପରିଜନମାନେ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ୱାର୍ଡ ଭିତରେ କୁଲର କିମ୍ବା ଏସିର ସୁବିଧା ନଥିବାରୁ ରୋଗୀମାନେ ଗରମରେ ଛଟପଟ ହେଉଛନ୍ତି। ବିକଳ୍ପ ବ୍ୟବସ୍ଥା ନପାଇ ଶେଷରେ ଜୀବନ ବିକଳରେ ନବଜାତ ଶିଶୁକୁ ଧରି ପ୍ରସୂତି ଓ ତାଙ୍କ ପରିବାର ଲୋକେ ହସ୍ପିଟାଲ ପରିସରରେ ଥିବା ବରଗଛମୂଳେ ଖୋଲା ଆକାଶ ତଳେ ରାତି ବିତାଇବାକୁ ବାଧ୍ୟ ହେଉଥିବା ଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ ଗତ କିଛି ଦିନ ହେବ ଅଞ୍ଚଳରେ ପାରଦ ଉପରମୁହାଁ ଥିବା ବେଳେ ହସ୍ପିଟାଲର ପ୍ରସୂତି ୱାର୍ଡ ଭିତର ସିଲିଣ୍ଡର ଭଳି ତାତୁଛି। ରୋଗୀ ଏବଂ ନବଜାତ ଶିଶୁଙ୍କ ପାଇଁ ସେଠାରେ ନ୍ୟୂନତମ ଶୀତଳୀକରଣ ବ୍ୟବସ୍ଥା ନାହିଁ। ଯେଉଁ ପଙ୍ଖା ଗୁଡ଼ିକ ଚାଲୁଛି, ସେଥିରୁ ମଧ୍ୟ କେବଳ ଗରମ ପବନ ବାହାରୁଛି। ଏଭଳି ସ୍ଥିତିରେ ନବଜାତ ଶିଶୁ ଏବଂ ଅସୁସ୍ଥ ମା'ମାନେ ଭିତରେ ରହିବା ଅସମ୍ଭବ ହୋଇପଡ଼ିଛି। ୱାର୍ଡ ଭିତରର ଗରମ ସହ୍ୟ କରିନପାରି ପ୍ରସୂତି ମହିଳା ଓ ସେମାନଙ୍କ ସମ୍ପର୍କୀୟମାନେ ରାତିରେ ହସ୍ପିଟାଲ ବାହାରକୁ ଚାଲିଆସୁଛନ୍ତି। ମଶା ମାଛି ଓ ବିଷାକ୍ତ କୀଟପତଙ୍ଗର ଭୟ ଥିଲେ ମଧ୍ୟ କୋମଳମତି ନବଜାତ ଶିଶୁକୁ ଧରି ମା' ବାହାରେ ଥିବା ବରଗଛମୂଳେ ଶୋଇବାକୁ ମଜବୁର ହେଉଛନ୍ତି। ସ୍ୱାସ୍ଥ୍ୟ ସେବା ଯୋଗାଇବା ନାମରେ ଏହା ଗରିବ ଅସହାୟ ଲୋକଙ୍କ ସ୍ୱାସ୍ଥ୍ୟ ସହ ସିଧାସଳଖ ଖେଳ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।ଅଞ୍ଚଳବାସୀଙ୍କ କହିବା କଥା ଯେ, ଗରିବ ଲୋକେ ଆଶା ଓ ଭରସା ନେଇ ସରକାରୀ ହସ୍ପିଟାଲକୁ ଆସୁଥିବା ବେଳେ ଏଭଳି ଅବ୍ୟବସ୍ଥା ସେମାନଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଛି। ପ୍ରଶାସନର ଏଭଳି ଉଦାସୀନତାକୁ ନେଇ ସାଧାରଣରେ କଡ଼ା ସମାଲୋଚନା କରାଯାଇଛି। ଯଦି ତୁରନ୍ତ ଭେଲା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ପ୍ରସୂତି ୱାର୍ଡରେ ପର୍ଯ୍ୟାପ୍ତ କୁଲର ବା ଏସିର ବ୍ୟବସ୍ଥା କରାନଯାଏ, ତେବେ ଆଗାମୀ ଦିନରେ ସ୍ଥାନୀୟ ଜନସାଧାରଣ ରାଜପଥକୁ ଓହ୍ଲାଇବା ସହ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବେ ବୋଲି ଚେତାବନୀ ଦେଇଛନ୍ତି।



ୱାର୍ଡ ଭିତରେ ଅସହ୍ୟ ଗରମ

# ବିବାହ କରି ପ୍ରତାରଣା; ଯୁବକ ଗିରଫ

**ଭବାନୀପାଟଣା, ୪।୬(ସମିସ):** କଳାହାଣ୍ଡି ଜିଲ୍ଲା ମ.ରାମପୁର ଥାନା ଅନ୍ତର୍ଗତ ରିଷିଡା ଫାଣ୍ଡି ଅଞ୍ଚଳର ଜନୈକ କଲେଜ ପଢୁଆ ଯୁବକ ଯୁବତୀକୁ ବିବାହର ପ୍ରଲୋଭନ ଦେଖାଇ ସମ୍ପର୍କ ରଖିବା ପରେ ଏବେ ପ୍ରତାରଣା କରିଥିବା ଅଭିଯୋଗ ହୋଇଛି।ଅଭିଯୋଗ ଆଧାରରେ ସମ୍ପୃକ୍ତ ଯୁବକକୁ ପୁଲିସ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ସୂଚନା ମତେ ମ.ରାମପୁର ଥାନା ଅନ୍ତର୍ଗତ ଡୁମେରଗୁଡା (ଡଙ୍ଗାବାହାଲ)ର ଜନୈକା ଯୁବତୀ ସହ ରିଷିଡା ଗାନ୍ଧୀନଗରପଡ଼ାର ଯୁବକ ଯୁଗଳ କିଶୋର ସିକଚାନ୍ଦଙ୍କ ଗତ ୪ବର୍ଷ ହେବ ପ୍ରେମସମ୍ପର୍କ ଗଢ଼ି ଉଠିଥିଲା। ଗତ ଦୁଇବର୍ଷ ତଳେ ସେ ଦୁହେଁ ଫୁଲମାଳ ଓ ସିନ୍ଦୁର ପିନ୍ଧାଇ ଏକ ଲଜରେ ବିବାହ କରିଥିଲେ। ପରେ ଯୁଗଳ ଉକ୍ତ ଯୁବତୀ ସହ ଜୋରଦବରଦସ୍ତ ବାରମ୍ବାର ସମ୍ପର୍କ ରଖିଥିଲେ। ଇତି ମଧ୍ୟରେ ଯୁବତୀ ଦୁଇଥର ଗର୍ଭବତୀ ହେବାରୁ ତାର ଗର୍ଭପାତ ମଧ୍ୟ କରାଇଥିବା ଅଭିଯୋଗ ହୋଇଛି। ତେବେ ବର୍ତ୍ତମାନ ଯୁବକ ଓ ତାର ଘରଲୋକେ ଉକ୍ତ ଯୁବତୀକୁ ବୋହୂ କରିବା ପାଇଁ ମନା କରି ଗଣ୍ଡଗୋଳ କରିବାରୁ ଯୁବତୀ ଜଣକ ବାଧ୍ୟହୋଇ ରିଷିଡା ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମ.ରାମପୁର ଥାନାରେ କେଶ ନଂ ୧୪୩ ରେ ମାମଲା ରୁଜୁ ହୋଇଥିବା ବେଳେ ରିଷିଡା ଫାଣ୍ଡିଧିକାରୀ ମନୁଆ ବିଡିକା ଉକ୍ତ ଯୁବକକୁ ଗିରଫ କରିଥିଲା। ବୁଧବାର ମ.ରାମପୁର ଥାନାଧିକାରୀ ସଂଯୁକ୍ତା ପଧାନ ଯୁବକକୁ କୋର୍ଟ ଚାଲାଣ କରିବା ସହ ତଦନ୍ତ ଚାଲିଥିବା ପ୍ରକାଶ କରିଛନ୍ତି।



# ମୁକ୍ତି ମାର୍ଗ ଚର୍ଚ୍ଚ ପକ୍ଷରୁ ଜଳବଣ୍ଟନ




**ଖଡ଼ିଆଳ, ୪।୬(ସମିସ):** ଖରିଆଳରେ ମୁକ୍ତି ମାର୍ଗ ଚର୍ଚ୍ଚ ପକ୍ଷରୁ ଜଳଛତ୍ର ବଣ୍ଟନ କରାଯାଇଛି। ପାଳକ ରେଭ. ଅଜୟ କୁମାର ନାଗ, ଚର୍ଚ୍ଚ ସମ୍ପାଦକ ପ୍ରୀତିବିରାଜ ପାତ୍ର ଓ କୋଷାଧ୍ୟକ୍ଷ ପ୍ରୀତମ ସିଂହଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା। ଶତାଧିକ ପଥଚାରୀ, ବସ୍ ଯାତ୍ରୀ ଏବଂ ସ୍ଥାନୀୟ ବାସିନ୍ଦାଙ୍କୁ ଥଣ୍ଡା ପାନୀୟ ଜଳ ବିତରଣ କରାଯାଇଥିଲା। ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, କଂଗ୍ରେସ ନେତା କମଳ ଚରଣ ତାଣ୍ଡି ଓ ଅକ୍ଷୟ ନନ୍ଦ ଯୋଗ ଦେଇ ଥିଲେ। ଯୁବ ସଭାପତି ଏସ୍.ଆଲେଇନା ବ୍ଲେସି ମସି, ଉପ-ସଭାପତି ଆର୍ଯ୍ୟନ ଚୌହାନ, ସମ୍ପାଦିକା ନ.ଜେନିଫର୍ ମାଇକେଲ, କୋଷାଧ୍ୟକ୍ଷ କେ ପିୟୂଷ ଲିମାଙ୍କ ନେତୃତ୍ୱରେ ଯୁବ ଭାଇ ଭଉଣୀ ଇଫ୍ରାଇମ୍ ଜାଲ, ଅଙ୍କିତ ଚୌହାନ, ଅଂଶିକ ଗର୍ଡ଼ିଆ, ଅଙ୍କିତ ଚାନ୍ଦ, ପ୍ରତିକ୍ଷା ରାଣୀ, ମଧୁଲିକା ପାଲ, ଶ୍ରେୟା ନନ୍ଦ, ରୌନକ ସିଂହ, ଅଭିଷେକ ଖମାରୀ, ଏଡି ସାହୁ, ପ୍ରସନ୍ନ ଖ୍ରୀଷ୍ଟାୟନ ଏବଂ ଅଭିଷେକ ଖ୍ରୀଷ୍ଟାୟନ ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରି ନିଜ ହାତରେ ଜଳ ବାଣ୍ଟିଥିଲେ।

# ଉତ୍ତର-ପୂର୍ବ ଭାରତୀୟ ତାଏକ୍ୱୋଣ୍ଡୋରେ କଳାହାଣ୍ଡିର ସଫଳତା

**ଭବାନୀପାଟଣା, ୪।୬(ସମିସ):** ହିମାଚଳ ପ୍ରଦେଶର ଡେଲହାଉସିରେ ୩୫ତମ ଉତ୍ତର-ପୂର୍ବ ଭାରତୀୟ ତାଏକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୧୫ ପ୍ରତିଯୋଗୀ ଶେଖ୍ ମୁନାୱାର୍ ଏବଂ ମହିଳା କୋଚ୍ ରେସ୍‌ମା ବେଗମ୍‌ଙ୍କ ତତ୍ତ୍ୱାବଧାନରେ ଭାଗନେଇ ସର୍ବମୋଟ ୮ଟି ମେଡାଲ ହାସଲ କରିଛନ୍ତି। ସେଥିମଧ୍ୟରୁ କଳାହାଣ୍ଡିରୁ ୭ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ମେଡାଲ ତାଲିକାରେ ବାଳିକା ବିଭାଗରେ ୧୦ ବର୍ଷରୁ କମ୍ ଏବଂ ୩୦-୩୫ କେଜି ବର୍ଗରେ ସ୍ପାରିଙ୍ଗରେ ସାହିନା ଶେଖ୍ ସିରିନ୍ ବ୍ରୋଞ୍ଜ୍ ମେଡାଲ ହାସଲ କରିଛନ୍ତି। ସେହିପରି ବାଳକ ବିଭାଗରେ ୧୮-୩୫ ବର୍ଷ ବର୍ଗରେ ଏବଂ ୫୦ରୁ କମ୍ କେଜି ବର୍ଗରେ ଦୟା ରାଉତ ସ୍ୱର୍ଣ୍ଣ ପଦକ, ପ୍ରିନ୍ସ ତାଣ୍ଡି ରୌପ୍ୟ ପଦକ ସୁଶାନ୍ତ କୁମାର ନାୟକ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ୧୮-୩୫ ବର୍ଷ ବର୍ଗରେ ୬୦-୬୫ କେଜି ବର୍ଗରେ ଇଶାନ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେହିପରି ବ୍ୟକ୍ତିଗତ ତୁଲ୍ ବା ପାର୍ଟନ୍ ରେ ପ୍ରିନ୍ସ ତାଣ୍ଡି ସ୍ୱର୍ଣ୍ଣପଦକ, ଦୟାରାଉତ ରୌପ୍ୟ ପଦକ ଏବଂ ଇଶାନ ମହାରଣା ବ୍ରୋଞ୍ଜ ପଦକ ହାସଲ କରିଛନ୍ତି।



# ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ପ୍ରସ୍ତୁତି ବୈଠକ

**ଗୋଲାମୁଣ୍ଡା, ୪।୬(ସମିସ):** ଗୋଲାମୁଣ୍ଡା ବ୍ଲକ ଅଧୀନ ଗଣ୍ଡାମେର ଗ୍ରାମର ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ରବିବାର ମାନ୍ୟବର ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସି ମାଧ୍ୟମରେ ଏହି ବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଗୋଲାମୁଣ୍ଡା ଗୋଷ୍ଠୀ ଶିକ୍ଷାଧିକାରୀ ରାଜେଶ କୁମାର ନାୟକ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଲବଣୀ ନାଏକ ଏବଂ ବିଆରସିସି ପ୍ରଭାତ କୁମାର ଖମାରୀ ପ୍ରମୁଖ ଯୋଗଦେଇ ପ୍ରଶାସନିକ ପ୍ରସ୍ତୁତି ସମ୍ପର୍କରେ ସମୀକ୍ଷା କରିଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଘ୍ନରାଜ ରାଉତ ଏବଂ ସ୍କୁଲ ପରିଚାଳନା କମିଟି ସଭାପତି ପ୍ରଦୋଷ ନାଏକ ମଧ୍ୟ ଏହି ଆଲୋଚନାରେ ସାମିଲ ହୋଇଥିଲେ। ଗ୍ରାମବାସୀଙ୍କ ମଧ୍ୟରୁ ଅଙ୍ଗଦ ନାଏକ, ବୈକୁଣ୍ଠ ନାଏକ, ଶତ୍ରୁଘ୍ନ ନାଏକ, ଭାବଗ୍ରାହୀ ନାଏକ, ପରୀକ୍ଷିତ ନାଏକ, ପ୍ରଦୀପ ନାଏକଙ୍କ ସମେତ ଗଣ୍ଡାମେର ଗ୍ରାମର ଅନେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

### ଦୀର୍ଘଦିନର ପ୍ରତୀକ୍ଷାର ଅନ୍ତ

# ଶହେ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସ ଲୋକାର୍ପିତ



**କଲମପୁର, ୪।୬(ସମିସ):** ଏକ ଦଶନ୍ଧିର ପ୍ରତିକ୍ଷା ପରେ ଆଜି ଲୋକାର୍ପିତ ହୋଇଯାଇଛି ଛାତ୍ରୀ ନିବାସ। କଲମପୁର ବ୍ଲକ ଅଧୀନ ହାରାମାଲ ପଞ୍ଚାୟତ ଅଧୀନ ପରୁଆଗୁଡ଼ାଠାରେ ଏକ ଛାତ୍ରୀ ନିବାସ ନିର୍ମାଣ ନିମନ୍ତେ ଗ୍ରାମବାସୀ ପରିକଳ୍ପନା କରି ବିଭିନ୍ନ ସମୟରେ ଦାବି କରି ଆସୁଥିଲେ। ଆଜି ଲୋକାର୍ପିତ ଉତ୍ସବରେ ବିଡିଓ ଶ୍ରୀ ମାଣ୍ଡାଙ୍ଗି ସଭାପତିତ୍ୱ କରିଥିବାବେଳେ ଧର୍ମଗଡ଼ ବିଧାୟକ ସୁଧିର ରଞ୍ଜନ ପଟ୍ଟଯୋଷୀ ଲୋକାର୍ପିତ କରିଥିଲେ। କଲମପୁର ବ୍ଲକ ଅଧ୍ୟକ୍ଷା ଜ୍ୟୋତି ନାଏକ, ଉପାଧ୍ୟକ୍ଷ ଚିନ୍ତାମଣି ବେହେରା, ହାରାମାଲ ସରପଞ୍ଚ ସୁଶିଳା ଦୁର୍ଗା, ସମିତି ସଦସ୍ୟା କରୁଣା ବାଗ, ତହସିଲଦାର ସ୍ମରଣିକା ତୁଲ, ଅତିରିକ୍ତ ତହସିଲଦାର ଦେବି ପ୍ରସନ୍ନ ଷଡ଼ଙ୍ଗୀ, ବିଇଓ ମଧୁସ୍ମିତା ନାଏକ, ଏବିଇଓ ଦୀଲିପ ବେହେରା, ସହକାରୀ ଯନ୍ତ୍ରୀ ପ୍ରକାଶ ସେଠୀ, କନିଷ୍ଠ ଯନ୍ତ୍ରୀ ପିତାମ୍ବର ହେମ୍ବ୍ରମ, ସୁମନ୍ତ ଦଣ୍ଡପାଟ, ବିପିଏମ ରିଗାନ୍ୟୁୟସ ଏକ୍କା ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏହି ଅବସରରେ ଘରଡିହ ପଟ୍ଟା ପ୍ରଦାନ, ଆବାସ ଗୃହ ନିର୍ମାଣ କାର୍ଯ୍ୟାଦେଶ, ନୂତନ ଭତ୍ତା ପ୍ରଦାନ, ସ୍ୱାସ୍ଥ୍ୟବୀମା କାର୍ଡ, ରାସନକାର୍ଡ ପ୍ରଦାନ, ହୁଇଲ୍ ଚେୟାର ପ୍ରଦାନ, ବିଭିନ୍ନ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀମାନଙ୍କୁ ଆର୍ଥିକ ପ୍ରୋତ୍ସାହନ ରାଶି ପ୍ରଦାନ ସମେତ ଆରଏମସି ଓ ବିଦ୍ୟାଳୟମାନଙ୍କୁ ଭିତ୍ତିଭୂମି ନିର୍ମାଣ ପାଇଁ ଜମି ଯୋଗାଇ ଦିଆଯାଇଥିଲା। ସେହିଭଳି ମୀନଗୁର ପଞ୍ଚାୟତ ପରିସରରେ ମଧ୍ୟ ଅନୁରୂପ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ମଧ୍ୟ ବିଡ଼ିଓ ଶ୍ରୀ ମାଣ୍ଡାଙ୍ଗି ସଭାପତିତ୍ୱ କରିଥିବା ବେଳେ ବିଧାୟକ ଶ୍ରୀ ପଟ୍ଟଯୋଷୀ, ତହସିଲଦାର ଶ୍ରୀମତୀ ତୁଲ, ସହକାରୀ ଯନ୍ତ୍ରୀ ଶ୍ରୀ ସେଠୀ, ସରପଞ୍ଚ ନୀହାରିକା ବେହେରା ପ୍ରମୁଖ ମଞ୍ଚାସୀନ ଥିଲେ।

### ନୂଆପଡ଼ାରେ ଏସ୍‌ଏସ୍‌ଡି ବିଭାଗର ସମୀକ୍ଷା

# 'ହଲ୍ ଅଫ୍ ଫେମ୍' ସ୍ଥାପନ ଓ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ ରୋକ୍ ଲାଗି ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ନୂଆପଡ଼ା, ୪।୬(ସମିସ)**

ନୂଆପଡ଼ା ଜିଲ୍ଲାରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ବିକାଶ ବିଭାଗ ଅଧୀନରେ ପରିଚାଳିତ ବିଦ୍ୟାଳୟ ଓ ଛାତ୍ରାବାସଗୁଡ଼ିକର ମାସିକ ସମୀକ୍ଷା ବୈଠକ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ସଞ୍ଜୟ ଭୋଇ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିବା ସହ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମର ଅଗ୍ରଗତି ଉପସ୍ଥାପନ କରିଥିଲେ। ଦଶମ ଶ୍ରେଣୀ ପରୀକ୍ଷା ଫଳାଫଳର ସମୀକ୍ଷା କରି ଜିଲ୍ଲାପାଳ ବିଦ୍ୟାଳୟଗୁଡ଼ିକରେ ଆଭ୍ୟନ୍ତରୀଣ ଅଡିଟ୍ କରିବାକୁ ପ୍ରଧାନ ଶିକ୍ଷକମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଅଷ୍ଟମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସାପ୍ତାହିକ ପରୀକ୍ଷା ବ୍ୟବସ୍ଥା କରିବାକୁ କହିଥିଲେ। ପରୀକ୍ଷାରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟସ୍ଥାନ ଅଧିକାର କରୁଥିବା ଛାତ୍ରଛାତ୍ରୀମାନଙ୍କୁ ଅନ୍ୟ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ସହଯୋଗ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଓ ଛାତ୍ରାବାସଗୁଡ଼ିକୁ ଏକକ ବ୍ୟବହାରଯୋଗ୍ୟ ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଜିଲ୍ଲାପାଳ ବିଶେଷ ନିର୍ଦ୍ଦେଶ ଦେଇଥିଲେ। ଗ୍ରୀଷ୍ମ ଅବକାଶ ପରେ ବିଦ୍ୟାଳୟ ଖୋଲିବା ପୂର୍ବରୁ ସମସ୍ତ ଛାତ୍ରାବାସରେ ଜିରୋ ବଲ୍‌ବ ସ୍ଥାପନ ଏବଂ ଆବଶ୍ୟକୀୟ ବୈଦ୍ୟୁତିକ ବ୍ୟବସ୍ଥା ସମ୍ପୂର୍ଣ୍ଣ କରିବାକୁ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ବିଦ୍ୟାଳୟ ଓ ଛାତ୍ରାବାସଗୁଡ଼ିକରେ ପାନୀୟ ଜଳର ସୁବିଧା ସୁନିଶ୍ଚିତ କରିବା ପାଇଁ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗକୁ ଆବଶ୍ୟକ ପଦକ୍ଷେପ ନେବାକୁ ଜିଲ୍ଲାପାଳ କହିଥିଲେ। ଛାତ୍ରଛାତ୍ରୀଙ୍କୁ ପ୍ରେରଣା ଯୋଗାଇବା ଏବଂ ବିଦ୍ୟାଳୟ ସହ ପୂର୍ବତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ପ୍ରତ୍ୟେକ ବିଦ୍ୟାଳୟରେ କୃତୀ ପୂର୍ବତନ ଛାତ୍ରଛାତ୍ରୀଙ୍କ ସଫଳତାକୁ ସ୍ଥାନ ଦେଇ 'ହଲ୍ ଅଫ୍ ଫେମ୍' ସ୍ଥାପନ କରିବା ସହ ପ୍ରତିବର୍ଷ ଏକ 'ଆଲୁମନି ମିଟ୍' ଆୟୋଜନ କରିବାକୁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ବିଦ୍ୟାଳୟ ଉପନିରୀକ୍ଷକ ଉଦୟ ସିଂ ମାଝୀ, ସଦର ସହକାରୀ ଜିଲ୍ଲା ମଙ୍ଗଳ ଅଧିକାରୀ କୌଶଲ୍ୟା ମାଝୀ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ, ବିଭିନ୍ନ ବିଦ୍ୟାଳୟର ପ୍ରଧାନଶିକ୍ଷକ ଏବଂ ବିଭାଗୀୟ କର୍ମଚାରୀମାନେ ଉପସ୍ଥିତ ଥିଲେ।



## ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ବୈଠକ

# ପେଟ୍ରୋଲ ପମ୍ପ ପାଇଁ କଡ଼ା ନିର୍ଦ୍ଦେଶନାମା ଜାରି





**ଝାରସୁଗୁଡ଼ା, ୪।୬(ସମିସ):** ମଧ୍ୟ ପ୍ରାଚ୍ୟରେ ଯୁଦ୍ଧ ଯୋଗୁଁ ଜିଲ୍ଲାରେ ପେଟ୍ରୋଲିୟମଜାତ ଦ୍ରବ୍ୟ ଯୋଗାଣରେ ବ୍ୟାହତ ଆଶଙ୍କାରେ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଜିଲ୍ଲାର ସମସ୍ତ ପେଟ୍ରୋଲ ପମ୍ପ ଡିଲର ଏବଂ ପ୍ରମୁଖ ତୈଳ କମ୍ପାନୀର ସେଲ୍ସ ଅଫିସରମାନେ ଯୋଗ ଦେଇଥିଲେ। ଜିଲ୍ଲାରେ ଗ୍ରାହକମାନଙ୍କୁ ନିରବଚ୍ଛିନ୍ନ ଏବଂ ସୁଗମ ଭାବେ ପେଟ୍ରୋଲ ଓ ଡିଜେଲ ଯୋଗାଇ ଦେବା ସହ କୃତ୍ରିମ ଅଭାବ କିମ୍ବା କଳାବଜାରୀ ରୋକିବା ପାଇଁ ଜିଲ୍ଲାପାଳ ସମସ୍ତଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ଜରୁରୀକାଳୀନ ସେବା ଆଇନର ଉଲ୍ଲଂଘନ କଲେ କଲେ ସମ୍ପୃକ୍ତ ପେଟ୍ରୋଲ ପମ୍ପ ବିରୋଧରେ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ସ୍ପଷ୍ଟ ଚେତାବନୀ ଦେଇଛନ୍ତି।

- କଳାବଜାରୀ କଲେ ଜରୁରୀକାଳୀନ ସେବା ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ
- ପ୍ଲାଷ୍ଟିକ କଣ୍ଟେନରରେ ପେଟ୍ରୋଲ ବିକ୍ରି ଉପରେ କଟକଣା
- ଜିଲ୍ଲାପାଳଙ୍କ ବିନା ସ୍ୱତନ୍ତ୍ର ଅନୁମତିରେ ମିଳିବନି ତେଲ
- ପ୍ରତିଦିନ ସିଭିଲ ସପ୍ଲାଇ ବିଭାଗକୁ ରିପୋର୍ଟ ପ୍ରଦାନ ବାଧ୍ୟତାମୂଳକ
- ଜରୁରୀକାଳୀନ ଗାଡ଼ି ଓ ଆମ୍ବୁଲାନ୍ସ ପାଇଁ ସ୍ୱତନ୍ତ୍ର ସଂରକ୍ଷଣ ବ୍ୟବସ୍ଥା

ଜରୁରୀକାଳୀନ ପରିସ୍ଥିତିର ସଫଳ ମୁକାବିଲା ପାଇଁ ଜିଲ୍ଲାପାଳ ପ୍ରତ୍ୟେକ ପେଟ୍ରୋଲ ପମ୍ପରେ ବାଧ୍ୟତାମୂଳକ ଭାବେ ୨୦୦୦ ଲିଟର ଡିଜେଲ ଏବଂ ୧୦୦୦ ଲିଟର ପେଟ୍ରୋଲ ଜରୁରୀକାଳୀନ ଷ୍ଟକ ଭାବେ ସଂରକ୍ଷିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ସଂରକ୍ଷିତ ତେଲ କେବଳ ଆମ୍ବୁଲାନ୍ସ, ଦୁଗ୍ଧ ପରିବହନ ଗାଡ଼ି ଏବଂ ଅନ୍ୟାନ୍ୟ ଜରୁରୀକାଳୀନ ସେବାରେ ନିୟୋଜିତ ଯାନବାହନ ପାଇଁ ସୁରକ୍ଷିତ ରଖାଯିବ। ଏହା ସହିତ ପ୍ରତ୍ୟେକ ପେଟ୍ରୋଲ ପମ୍ପ ନିଜର ଦୈନିକ ବିକ୍ରି ଏବଂ ମହଜୁଦ ଷ୍ଟକ ସମ୍ପର୍କିତ ବିବରଣୀ ପ୍ରତିଦିନ ଜିଲ୍ଲା ଯୋଗାଣ ବିଭାଗ ନିକଟରେ ଦାଖଲ କରିବା ବାଧ୍ୟତାମୂଳକ କରାଯାଇଛି। ସମସ୍ତ କମ୍ପାନୀ ଏବଂ ଦୈନିକ ରିପୋର୍ଟ ଯଥାଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯିବା ସହ ଏଥିରେ ଅବହେଳା କଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ବୈଠକରେ ପେଟ୍ରୋଲ ପମ୍ପଗୁଡ଼ିକର ବୈଧ ଲାଇସେନ୍ସ ଏବଂ ପ୍ରମାଣପତ୍ର ସମୟାନୁବର୍ତ୍ତୀ ନବୀକରଣ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଅଗ୍ନିଶମ ନିରାପତ୍ତା ଲାଇସେନ୍ସଗୁଡ଼ିକୁ ତୁରନ୍ତ ନବୀକରଣ କରିବାକୁ ଜିଲ୍ଲାପାଳ ସମସ୍ତ ଡିଲରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୁରକ୍ଷା ଦୃଷ୍ଟିରୁ ପ୍ଲାଷ୍ଟିକ କଣ୍ଟେନରରେ ପେଟ୍ରୋଲ/ଡିଜେଲ ବିକ୍ରି କରିବାକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି। କୌଣସି ଅତ୍ୟାବଶ୍ୟକ ସ୍ଥିତିରେ ଯଦି କାହାକୁ ପ୍ଲାଷ୍ଟିକ କଣ୍ଟେନରରେ ତେଲ ଆବଶ୍ୟକ ହୁଏ, ତେବେ ସ୍ୱୟଂ ଜିଲ୍ଲାପାଳ ସେହି ସ୍ୱତନ୍ତ୍ର ଅନୁମତି ପତ୍ରର ଯାଞ୍ଚ କରିବା ପରେ ହିଁ ତେଲ ଦିଆଯାଇପାରିବ। ଚାଷୀମାନଙ୍କ ଟ୍ରାକ୍ଟର ପାଇଁ ଆବଶ୍ୟକ ହେଉଥିବା ଡାଳେଣି ସମ୍ପର୍କରେ ସ୍ୱତନ୍ତ୍ର ନୀତି ନିର୍ଦ୍ଧାରଣ କରିବାକୁ ଏବେ କୃଷି କାର୍ଯ୍ୟ ଯେପରି ପ୍ରଭାବିତ ନହେବ ସେଥିପାଇଁ ଜିଲ୍ଲା କୃଷି ଅଧିକାରୀଙ୍କ ସହ ଆଲୋଚନା କରି ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଇଛି।

ଏହା ବ୍ୟତୀତ ସମସ୍ତ ପେଟ୍ରୋଲ ପମ୍ପରେ ସିସିଟିଭି କ୍ୟାମେରା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ରଖିବା, ମାସିକ ରିଟର୍ଣ୍ଣ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଝାରସୁଗୁଡ଼ା ଉପ-ଜିଲ୍ଲାପାଳ ସବ୍ୟସାଚୀ ପଣ୍ଡା, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ଦୁର୍ଗା ଚରଣ ବେଜ୍ରା ଏବଂ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପୀତାମ୍ବର ସେଠୀ, ଜେନେରାଲ ମ୍ୟାନେଜର, ଆଇ ଓ ସି ଏଲ୍, ଚିଫ୍ ଟର୍ମିନାଲ ମ୍ୟାନେଜର, ସିନିୟର ମ୍ୟାନେଜର, ଆଇଓସିଏଲଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ ଓ ଜିଲ୍ଲାର ପେଟ୍ରୋଲ ପମ୍ପ ଆସୋସିଏସନର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

## ତେଲେନପାଲି ପଞ୍ଚାୟତରେ ମଦ ବିରୋଧୀ ଅଭିଯାନ

**କୋଚିଆ ମଦ ବେପାରୀଙ୍କ ବିରୋଧରେ ହଲ୍ଲାବୋଲ**



**ଇବଥର୍ମାଲ, ୪।୬(ସମିସ):** ବନହରପାଲି ଥାନା ତେଲେନପାଲି ପଞ୍ଚାୟତବାସୀ କିଛିଦିନ ହେବ ବେଆଇନ କୋଚିଆ ମଦ ବିକ୍ରି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଛନ୍ତି। ସଭାସମିତି କଳାପରେ ଆଜି ସରପଞ୍ଚ ଆକାଶ ସାହୁଙ୍କ ନେତୃତ୍ୱରେ ବହୁ ମହିଳା/ପୁରୁଷ ବନହରପାଲି ଥାନାରେ ପହଞ୍ଚି ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବି ଗୁଡ଼ିକ ମଧ୍ୟରେ, ତେଲେନପାଲି ପଞ୍ଚାୟତରେ ପ୍ରାୟ ୧୦ଟି ବେଆଇନ ମଦଭାଟି ଚାଲିଛି। ଫଳରେ ସ୍କୁଲ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡୁଛି। ବନହରପାଲି, ବିନିକା, ଛଡାରମା, ଧୋବାଡେରା, ସାପାଲି ତଥା ଓପିଜିସି ତେଲେନପାଲି ପର୍ଯ୍ୟନ୍ତ ମହିଳାମାନେ ଯାତାୟାତ ବେଳେ ଭୟ କରୁଛନ୍ତି। ବିଭିନ୍ନ ଭାଟିରେ ଅନୈତିକ କାର୍ଯ୍ୟ କରାଯାଉଥିବା ମଧ୍ୟ ଅଭିଯୋଗ ପତ୍ରରେ ଉଲ୍ଲେଖ ରହିଛି। ଆଜି ଚୁଡ଼ାମଣି ପ୍ରଧାନ, ଶଙ୍କର ଖମାରୀ, ଉମା ସେଠ, ମଞ୍ଜୁଲତା ଧୁରୁଆ ତଥା ଅନେକ ପୁରଷ ମହିଳା ଥାନା ପରିସରରେ ପହଞ୍ଚିବା ପରେ ଥାନା ଅଧିକାରୀ ବିନୋଦ କୁମାର ରାଓ ସେମାନଙ୍କ ଠାରୁ ଦାବିପତ୍ର ଗ୍ରହଣ କରି ଯଥାଶୀଘ୍ର ଏହା ଉପରେ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

## ଝାରସୁଗୁଡ଼ାରେ ଏସ୍ଆଇଆର ଅଭିଯାନ; ୨୮ ପ୍ରତିଶତ ପ୍ରକ୍ରିୟା ଶେଷ



**ଝାରସୁଗୁଡ଼ା, ୪।୬(ସମିସ):** ରାଜ୍ୟ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶକ୍ରମେ ଓଡ଼ିଶାରେ ଚାଲିଥିବା 'ସ୍ୱତନ୍ତ୍ର ସଘନ ସଂଶୋଧନ' କାର୍ଯ୍ୟକ୍ରମ ଏବେ ଝାରସୁଗୁଡ଼ା ଜିଲ୍ଲାରେ ବ୍ୟାପକ ଭାବେ ଆଗେଇ ଚାଲିଛି। ଏହି ପରିପ୍ରେକ୍ଷୀରେ ଝାରସୁଗୁଡ଼ା ନିର୍ବାଚନ ମଣ୍ଡଳୀରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଜିଲ୍ଲାର ମୋଟ ୪, ୩୮, ୪୩୩ ଜଣ ଭୋଟରଙ୍କ ମଧ୍ୟରୁ ବର୍ତ୍ତମାନ ସୁଦ୍ଧା ୨୮ ପ୍ରତିଶତ ଭୋଟରଙ୍କୁ ଏହି ପ୍ରକ୍ରିୟାରେ ସାମିଲ କରାଯାଇ ସାରିଲାଣି। ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମକୁ ସଫଳ ଓ ତ୍ୱରାନ୍ୱିତ କରିବାକୁ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ବ୍ରଜବନ୍ଧୁ ଭୋଇ ୦୬-ବ୍ରଜରାଜନଗର ନିର୍ବାଚନ ମଣ୍ଡଳୀ ଅଧୀନରେ ଥିବା ବିଭିନ୍ନ ବୁଥ୍ ପରିଦର୍ଶନ କରି ଫର୍ମ ବଣ୍ଟନ କାର୍ଯ୍ୟର ପ୍ରତ୍ୟକ୍ଷ ସମୀକ୍ଷା ଓ ତଦାରଖ କରୁଛନ୍ତି।

ଅପରପକ୍ଷେ, ଉପ-ଜିଲ୍ଲାପାଳ ତଥା ଇଆର୍‌ଓ ୦୭-ଝାରସୁଗୁଡ଼ା ସବ୍ୟସାଚୀ ପଣ୍ଡା ମଧ୍ୟ ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ବୁଥ୍‌ରେ ଏହି ପ୍ରକ୍ରିୟାର ଅନୁଧ୍ୟାନ କରିଛନ୍ତି। ଏହି ସମୟରେ ବିଏଲଓ ମାନଙ୍କ ଦ୍ୱାରା ଭୋଟରମାନଙ୍କୁ ସୂଚନା ସଂଗ୍ରହ ପାଇଁ ଏନୁମେରେସନ ଫର୍ମ ବଣ୍ଟନ କରାଯାଉଛି। ନିର୍ବାଚନ ମଣ୍ଡଳୀର ସମସ୍ତ ଭୋଟରଙ୍କ ନିକଟରେ ପହଞ୍ଚିବା ପାଇଁ ଘରକୁ ଘର ବୁଲି ଏହି ଫର୍ମ ବଣ୍ଟନ ପ୍ରକ୍ରିୟା ଜାରି ରହିଛି, ଯାହା ମାଧ୍ୟମରେ ଏପର୍ଯ୍ୟନ୍ତ ଜିଲ୍ଲାରେ ମୋଟ ୧, ୨୨, ୭୬୧ଟି ଏନୁମେରେସନ ଫର୍ମ ବଣ୍ଟନ କରାଯାଇସାରିଛି। ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ଯଥା ଆଦିବାସୀ ଅଧ୍ୟୁଷିତ, ଦୁର୍ଗମ ଅଞ୍ଚଳ ସମେତ ସହର ଓ ଗ୍ରାମାଞ୍ଚଳର ପ୍ରତିଟି ଘରକୁ ଯାଇ ବିଏଲଓମାନେ ପରିଗଣନା ଫର୍ମ ବଣ୍ଟନ ସହ ତଥ୍ୟ ସଂଗ୍ରହ କାର୍ଯ୍ୟ ଜାରି ରଖିଛନ୍ତି। ଭୋଟର ତାଲିକାକୁ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଓ ସଂଶୋଧିତ କରିବା ପାଇଁ ସ୍ଥାନୀୟ ରାଜନୈତିକ ଦଳ ପକ୍ଷରୁ ନିଯୁକ୍ତ ବୁଥ୍‌ସ୍ତରୀୟ ଏଜେଣ୍ଟମାନେ ମଧ୍ୟ କ୍ଷେତ୍ରସ୍ତରରେ ବିଏଲଓମାନଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରୁଛନ୍ତି।

## ସ୍ୱତନ୍ତ୍ର ଭୋଟର ସୂଚୀ ସଂଶୋଧନ ପ୍ରଶିକ୍ଷଣ ଶିବିର

**ଝାରସୁଗୁଡ଼ା ପୌରାଞ୍ଚଳର ୧୦୬ ସ୍ୱେଚ୍ଛାସେବୀ ଓ ୭ ବିଏଲ୍‌ଓ ସୁପରଭାଇଜର ସାମିଲ**

ଝାରସୁଗୁଡ଼ା, ୪।୬(ସମିସ): ଝାରସୁଗୁଡ଼ା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହଠାରେ ୦୭-ଝାରସୁଗୁଡ଼ା ବିଧାନସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଝାରସୁଗୁଡ଼ା ପୌରାଞ୍ଚଳର ସ୍ୱେଚ୍ଛାସେବୀମାନଙ୍କୁ ନେଇ 'ସ୍ୱତନ୍ତ୍ର ଭୋଟର ସୂଚୀ ସଂଶୋଧନ-୨୦୨୬' ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଡେପୁଟି କଲେକ୍ଟର ହରେକୃଷ୍ଣ ବରିହାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ମାର୍ଗଦର୍ଶନରେ ଏହା ପରିଚାଳିତ ହୋଇଥିଲା। ଶିବିରରେ ଝାରସୁଗୁଡ଼ା ପୌରାଞ୍ଚଳର ବିଭିନ୍ନ ବିଦ୍ୟାଳୟର ଶିକ୍ଷକ, ସହକାରୀ ଶିକ୍ଷକ ଏବଂ ଅଙ୍ଗନବାଡ଼ି କର୍ମୀଙ୍କୁ ମିଶାଇ ସର୍ବମୋଟ ୧୦୬ ଜଣ ସ୍ୱେଚ୍ଛାସେବୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ସ୍ୱତନ୍ତ୍ର ସ୍ତରୀୟ ଭୋଟର ସୂଚୀ ସଂଶୋଧନ ପ୍ରକ୍ରିୟାର ବିଭିନ୍ନ ବୈଷୟିକ ଦିଗ ଏବଂ ଏହାର ସଫଳ ରୂପାୟନ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସ୍ୱେଚ୍ଛାସେବୀମାନେ ଆଗାମୀ ଦିନରେ କ୍ଷେତ୍ରସ୍ତରରେ କାର୍ଯ୍ୟ କରିବା ସହ ନିର୍ବାଚନ ପ୍ରକ୍ରିୟାକୁ ଅଧିକ ସୁଦୃଢ଼ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ। ପ୍ରଶିକ୍ଷଣ ସମୟରେ ଉପସ୍ଥିତ ସ୍ୱେଚ୍ଛାସେବୀମାନଙ୍କୁ ବୁଥ ସ୍ତରୀୟ ଅଧିକାରୀ ମାନଙ୍କ ସହ ସମନ୍ୱୟ ରକ୍ଷା କରି କିଭଳି କାର୍ଯ୍ୟ କରିବାକୁ ହେବ ସେ ନେଇ ସବିଶେଷ ସୂଚନା ଦିଆଯାଇଥିଲା। ଏହି ଅବସରରେ ନିର୍ବାଚନ ମଣ୍ଡଳୀର ସମସ୍ତ ୭ ଜଣ ବିଏଲ୍‌ଓ ସୁପରଭାଇଜର ଉପସ୍ଥିତ ରହି ପ୍ରଶିକ୍ଷଣ ପ୍ରକ୍ରିୟାର ସମୀକ୍ଷା କରିବା ସହ ସ୍ୱେଚ୍ଛାସେବୀମାନଙ୍କୁ ଉତ୍ସାହିତ କରିଥିଲେ।

## ଭୂମିହୀନ ପରିବାରଙ୍କୁ ମିଳିଲା ନିଜସ୍ୱ ଠିକଣା

## ୯୨ ପରିବାରକୁ ୪ ଡେସିମିଲ ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ବଣ୍ଟନ



**ଲାଞ୍ଜିଗଡ଼, ୪।୬(ସମିସ):** ସାମାଜିକ ସୁରକ୍ଷା ଏବଂ ସମ୍ମାନଜନକ ଜୀବନ ଯାପନର ମୂଳଦୁଆ ଉପରେ ହିଁ ପ୍ରକୃତ ବିକାଶର ସୌଧ ଗଢ଼ିଉଠେ। କେବଳ ଭୌତିକ ପ୍ରଗତି ନୁହେଁ, ବରଂ ପ୍ରତ୍ୟେକ ନାଗରିକଙ୍କୁ ସେମାନଙ୍କର ସାମ୍ବିଧାନିକ ଅଧିକାର ଏବଂ ସ୍ଥାୟୀ ଠିକଣା ପ୍ରଦାନ କରିବା ହେଉଛି ପ୍ରଶାସନର ପ୍ରକୃତ ସଫଳତା। ଏହି ଆଦର୍ଶକୁ ପାଥେୟ କରି ଲାଞ୍ଜିଗଡ଼ ତହସିଲଦାର ବନମାଳୀ ମେହେର, ଲାଞ୍ଜିଗଡ଼ ରାଜସ୍ୱ ନିରୀକ୍ଷକ ତାପସ କୁମାର ମିଶ୍ର ତ୍ରିଲୋଚନପୁର, ଜଗନ୍ନାଥ ପୁର ଓ ଲାଞ୍ଜିଗଡ଼ ପଞ୍ଚାୟତର ବେଲଗୁଡ଼ା, ଅମ୍ବାଗୁଡ଼ା, ଖାଲଗୁଡ଼ା, ବାନିଗାଁ, ଜଗନ୍ନାଥପୁର ଏବଂ ଗୋଇପଟା ଆଦି ଗ୍ରାମଗୁଡ଼ିକ ଗସ୍ତ କରିଥିଲେ। ଦୀର୍ଘ ଦିନ ଧରି ଭୂମିହୀନ ହୋଇ ଅବହେଳିତ ଜୀବନ ବିତାଉଥିବା ୯୨ ଟି ପରିବାରଙ୍କୁ ୪ ଡେସିମିଲ ଲେଖାଏଁ ସ୍ଥାୟୀ ଘରଡ଼ିହ ପଟ୍ଟା ଆବଣ୍ଟନକରି ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତରେ ସାମିଲ କରିଛନ୍ତି। ଏହା ଫଳରେ ଏହି ୯୨ ଟି ପରିବାର ଏବେ 'ପ୍ରଧାନମନ୍ତ୍ରୀ ଆବାସ ଯୋଜନା' କିମ୍ବା ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଯୋଜନାରେ ସାମିଲ ହେବା ପାଇଁ ଯୋଗ୍ୟ ବିବେଚିତ ହେବେ। ଲାଞ୍ଜିଗଡ଼ ପ୍ରଶାସନର ଏହି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳରେ ବେଶ୍ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ଅନ୍ୟ ଭୂମିହୀନମାନଙ୍କୁ ମଧ୍ୟ ଏହିପରି ଭାବେ ଚିହ୍ନଟ କରି ପଟ୍ଟା ପ୍ରଦାନ କରାଯିବ ବୋଲି ପ୍ରଶାସନିକ ସୂତ୍ରରୁ ସୂଚନା ମିଳିଛି।

## କାଜୁ ଗୋଟାଳିଙ୍କୁ ହାତୀ ଦଳିଦେଲା

**ଦେବଗଡ଼, ୪।୬(ସମିସ):** ରିଆମାଳ ବନାଞ୍ଚଳ କୁଣ୍ଢେଇଗୋଳା ସେକ୍ସନ ଅନ୍ତର୍ଗତ ଚଢ଼େଇମରା ଗ୍ରାମରେ ହାତୀ ଆକ୍ରମଣରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମୃତକ ସେହି ଗ୍ରାମର ପ୍ରଫୁଲ୍ଲ ବେହେରା (୫୫)। ସେ ଗତକାଲି ଜଙ୍ଗଲକୁ କାଜୁ ସଂଗ୍ରହ ପାଇଁ ଯାଇ ରାତି ପର୍ଯ୍ୟନ୍ତ ଫେରିନଥିଲେ। ପରିବାର ଲୋକ ଆଖପାଖରେ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନଥିଲେ। ଗୁରୁବାର ମଧ୍ୟାହ୍ନରେ ଚଢ଼େଇମରା ଓ ସଙ୍ଘାପଶି ଜଙ୍ଗଲ ମଧ୍ୟରେ ଥିବା କାଜୁ ବଗିଚାରେ ପ୍ରଫୁଲ୍ଲଙ୍କ ମୃତଦେହ ପଡ଼ିଥିବା ଖବର ପାଇ ପରିବାର ଲୋକଙ୍କ ସହ ବନପାଳ ମନ୍ମଥ ବେହେରା ସଦଳବଳ ପହଞ୍ଚିଥିଲେ। ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଛେଣ୍ଡିପଦା ଡାକ୍ତରଖାନାକୁ ପଠାଇଥିଲେ। ଏଥିସହ ବନ ବିଭାଗ ପକ୍ଷରୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି।

**ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ କାମରେ ଅନିୟମିତତା**

# ରାସ୍ତା ନିର୍ମାଣ ପରଠାରୁ ମରାମତି ଶୂନ୍

**ଧର୍ମଗଡ଼, ୪।୬(ସମିସ)**



ଗ୍ରାମାଞ୍ଚଳର ବିକାଶ ଓ ଗମନାଗମନର ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟରେ 'ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା' କାର୍ଯ୍ୟକାରୀ ହେଉଛି। ହେଲେ କିଛି ଅସାଧୁ ଠିକାଦାର ଓ ବିଭାଗୀୟ ଅଧିକାରୀଙ୍କ ମଧୁଚନ୍ଦ୍ରିକା ଯୋଗୁଁ ପ୍ରହସନରେ ପରିଣତ ହୋଇଛି। କେନ୍ଦୁଗୁଡାରୁ ପାଇକପଡ଼ା ଭାୟା ଜୟନ୍ତପୁର ରାସ୍ତା ନିର୍ମାଣ କାର୍ଯ୍ୟକୁ ନେଇ ଏଭଳି ଏକ ସାଙ୍ଘାତିକ ଅଭିଯୋଗ ଆସିଛି। ସୂଚନା ଅନୁଯାୟୀ, ପ୍ରାୟ ୧୫.୩୧୦ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୪୯୦.୨୫ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଥିଲା। ସୂଚନା ଫଳକ ଅନୁସାରେ, କାର୍ଯ୍ୟ ୨୧.୯.୨୦୧୯ ରିଖରୁ ଆରମ୍ଭ ହୋଇ ୨୦.୯.୨୦୨୦ ରିଖରେ ଶେଷ ହୋଇଥିଲା। ଏହା ସହିତ ରାସ୍ତାର ୫ ବର୍ଷର ରକ୍ଷଣବେକ୍ଷଣ ଓ ମରାମତି ବାବଦକୁ ପ୍ରାୟ ୩୨.୬୦ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା। କାର୍ଯ୍ୟର ଦାୟିତ୍ୱ ଠିକାଦାର ଆନନ୍ଦ କୁମାର ଅଗ୍ରୱାଲ (ସ୍ୱତନ୍ତ୍ର ଶ୍ରେଣୀ ଠିକାଦାର) ନେଇଥିଲେ। ହେଲେ ପରିତାପର ବିଷୟ, ରାସ୍ତା କାର୍ଯ୍ୟ ଶେଷ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଠିକାଦାର କୌଣସି ପ୍ରକାରର ମରାମତି କାର୍ଯ୍ୟ କରିନଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ରାସ୍ତାର ବିଭିନ୍ନ ସ୍ଥାନରେ ଖାଲଖମାରେ ଭର୍ତ୍ତି ହୋଇ ମରଣଯନ୍ତା ପାଲଟିଛି। ୫ବର୍ଷ ଯାଏ ଠିକା ସଂସ୍ଥା ରାସ୍ତାର ରକ୍ଷଣାବେକ୍ଷଣ ବହନ କରିବା କଥା ହେଲେ ମରାମତି ଆଳରେ ଗତ ୩ବର୍ଷ ଠାରୁ ରାସ୍ତା ଉପରେ କେବଳ କ୍ରସର ଗୁଣ୍ଡ ଓ ଚିପ୍ସ ପକାଇ ଦାୟିତ୍ୱ ସାରିଦେଇଥିବା ଜଣାପଡେ। ନା ପିଚୁ ପଡ଼ିଛି ନା ବୋଲଡଜର ଚାଲିଛି। ମରାମତି ନାମରେ ଆସିଥିବା ଲକ୍ଷ ଲକ୍ଷ ସରକାରୀ ଅର୍ଥକୁ କୌଣସି କାମ ନକରି ଠିକାଦାର ଓ ବିଭାଗୀୟ ଅଧିକାରୀ ଲୁଟ କରିଥିବା ସ୍ଥାନୀୟ ଅଭିଯୋଗ କରିଛନ୍ତି। ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଏବଂ ଉଚ୍ଚ ପଦାଧିକାରୀମାନେ ଏସବୁ ଜାଣି ମଧ୍ୟ ନିରବଦ୍ରଷ୍ଟା ସାଜିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ସ୍ଥାନୀୟ ଜନସାଧାରଣ ଉଚ୍ଚସ୍ତରୀୟ ତଦନ୍ତ ସହ ଦୋଷୀ ଠିକାଦାରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏବଂ ତୁରନ୍ତ ରାସ୍ତା ମରାମତି କରିବାକୁ ଦାବି କରିଛନ୍ତି। ଏନେଇ ଧର୍ମଗଡ଼ ଗ୍ରାମ୍ୟ ଉନ୍ନୟନ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ହି ସମ୍ଭବ ହୋଇ ପାରିନାହିଁ।

**ଫ୍ଲୋରାଇଡ୍ ପାଣି ପିଇବାକୁ ବାଧ ହେଉଛନ୍ତି ଗ୍ରାମବାସୀ**

## ପ୍ରଶାସନର ନିଷ୍କ୍ରିୟତା ବିରୋଧରେ ବଢୁଛି ଅସନ୍ତୋଷ

**କୋମନା, ୪।୬(ସମିସ):** ନୂଆପଡ଼ା ଜିଲ୍ଲା କୋମନା ବ୍ଲକ ଅଧୀନ କରଙ୍ଗାଭଟା ନାଏକପଡ଼ା ଗ୍ରାମରେ ପାନୀୟଜଳ ସଙ୍କଟ ଏବେ ଚରମ ସୀମାରେ ପହଞ୍ଚିଛି। ଗ୍ରାମରେ ଥିବା 'ପିଡବ୍ଲ୍ୟୁଏସ୍' ମେଗା ଜଳଯୋଗାଣ ପ୍ରକଳ୍ପର ପାଣି ସମ୍ପୂର୍ଣ୍ଣ ନ ଆସି ଅଚଳ ହୋଇପଡ଼ିଥିବାରୁ ଲୋକଙ୍କୁ ବିଶୁଦ୍ଧ ପାନୀୟଜଳ ମିଳିପାରୁ ନାହିଁ। ଫଳରେ ବାଧ ହୋଇ ଗ୍ରାମବାସୀ ଅଗଭୀର ନଳକୂପରୁ ବାହାରୁଥିବା ବିଷାକ୍ତ ଫ୍ଲୋରାଇଡ୍ ଯୁକ୍ତ ପାଣି ବ୍ୟବହାର କରୁଛନ୍ତି, ଯାହା ସେମାନଙ୍କ ସ୍ୱାସ୍ଥ୍ୟ ପ୍ରତି ଏକ ବଡ଼ ବିପଦ ସୃଷ୍ଟି କରିଛି। ନାଏକପଡ଼ାର ପ୍ରତ୍ୟେକ ନଳକୂପ ଫ୍ଲୋରାଇଡ଼ ଯୁକ୍ତ ପାଣି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ, ପାଇପ୍ ଯୋଗେ ପାଣି ଯୋଗାଣ ବନ୍ଦ ଥିବାନେଇ ସେମାନେ ବାରମ୍ବାର ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନକୁ ଲିଖିତ ଏବଂ ମୌଖିକ ଭାବେ ଜଣାଇଛନ୍ତି। ମାତ୍ର ଦୁର୍ଭାଗ୍ୟର ବିଷୟ, ପ୍ରଶାସନ ଏହି ସମ୍ବେଦନଶୀଳ ସମସ୍ୟା ପ୍ରତି ସମ୍ପୂର୍ଣ୍ଣ କର୍ଣ୍ଣପାତ କରୁନାହିଁ। ନୂଆପଡ଼ା ଜିଲ୍ଲାର ଭୂତଳଜଳରେ ଫ୍ଲୋରାଇଡର ମାତ୍ରା ଅଧିକ ରହିଥିବାବେଳେ ଏହି ପାଣି ପିଇବା ଦ୍ୱାରା ଲୋକେ ବାତଜ୍ୱର, ହାଡ଼ ଜନିତ ସମସ୍ୟା ଏବଂ କିଡନୀ ରୋଗର ଶିକାର ହେବାର ଆଶଙ୍କା ରହିଛି।

**ବନ ବିଭାଗର ଚଢ଼ଉ**

## ୨ କ୍ୱିଣ୍ଟାଲ ୮୭ କେଜି କେନ୍ଦୁପତ୍ର ଜବତ; ୨ ଗିରଫ



**ଝାରସୁଗୁଡା, ୪।୬(ସମିସ):** ଝାରସୁଗୁଡା ଜିଲ୍ଲାରୁ ପଶ୍ଚିମବଙ୍ଗ କଲିକତାକୁ ବେଆଇନ ଭାବେ କେନ୍ଦୁପତ୍ର ଚାଲାଣ ବେଳେ ବେଲପାହାଡ଼ ଦୁର୍ଗା ମନ୍ଦିର ନିକଟରୁ ୨ ଜଣଙ୍କୁ ଗିରଫ କରିଛି ବନବିଭାଗ। ସେମାନଙ୍କ ଠାରୁ ୨ କ୍ୟୁଣ୍ଟାଲ ୮୭ କେଜି କେନ୍ଦୁପତ୍ର, ଗୋଟିଏ ଅଟୋ (ନଂ.ଓଡି୨୩ଏସ୍-୪୨୦୮)କୁ ଜବତ କରିଛି। ଗିରଫ ଅଭିଯୁକ୍ତମାନେ ପଶ୍ଚିମବଙ୍ଗର ସାଇଦୁଲ ବିବି(୩୯) ଓ ଅଟୋ ଚାଳକ ତଲିଭଟା ଝାରସୁଗୁଡାର ଜାୱେଦ ଖାଁ (୩୪)। ସେମାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜବତ କେନ୍ଦୁପତ୍ରର ମୂଲ୍ୟ ୧.୫ଲକ୍ଷ ଟଙ୍କା ହେବ ବୋଲି ବେଲିପାହାଡ଼ ରେଞ୍ଜର ପ୍ରଦୀପ ନାୟକ ସୂଚନା ଦେଇଛନ୍ତି। ବେଲପାହାଡ଼ ବନାଞ୍ଚଳ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଏକ ଅଟୋରେ କେନ୍ଦୁପତ୍ର ବେଲପାହାଡ଼ ପଟେ ଯାଉଥିବା ସୂଚନା ମିଳିବାପରେ ରେଞ୍ଜର ପ୍ରଦୀପ ନାୟକଙ୍କ ନିର୍ଦ୍ଦେଶରେ ଏକ ଟିମ ପିଛା କରି କାବୁ କରିଥିଲା। ପଚରା ଉଚୁରା ପରେ ସାଇଦୁଲ ବିବି(୩୯) ଏହି କେନ୍ଦୁପତ୍ର ରାଜପୁର ପଟୁ ଆଣି ଟ୍ରେନ ଯୋଗେ କୋଲକତା ଖଡ଼ଗପୁର ନେଉଥିବା କହିଥିବା ବନ ବିଭାଗ ସୂଚନା ଦେଇଛି। ଚଢ଼ଉରେ ଫରେଷ୍ଟର ସୁନୀଲ ଭୋଇ, ବିପନି ସା, ଭାଗିରଥି ପ୍ରଧାନ, ତେଜସ୍ୱିନ ସା ଓ ସ୍କ୍ୱାଡ୍ ଦୁତିଆ ଭୋଏ, ଭାଗିରଥି କାଲୋ ସାମିଲ ଥିଲେ।

## ୧୧ ବୁଲେଟକୁ ୧ଲକ୍ଷ ୨୦ହଜାର ଟଙ୍କା ଜରିମାନା

**ଭବାନୀପାଟଣା, ୪।୬(ସମିସ):** ଭବାନୀପାଟଣା ସହରର ବିଭିନ୍ନ ସ୍ଥାନରେ ଗୁରୁବାର ସ୍ଥାନୀୟ ପୁଲିସ ପକ୍ଷରୁ ମୋଟରଯାନ ଯାଞ୍ଚ କରାଯାଇଥିଲା। ଏହି ସମୟରେ ୧୧ ଜଣ ବାଇକ୍ ଚାଳକ ନିଜ ବୁଲେଟକୁ ମୋଡିଫାଏଡ୍ (ଶବ୍ଦ ପ୍ରଦୂଷଣ) ସାଇଲେନ୍ସର ଲଗାଇଥିବାବେଳେ ଧରାପଡ଼ିଥିଲେ। ଉକ୍ତ ବାଇକଗୁଡ଼ିକୁ ଥାନାକୁ ଆଣି ଜବତ କରି ପ୍ରାୟ ୧ଲକ୍ଷ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସେହିପରି ବାଇକ ଚାଳକ୍ ଅସଲି ସାଇଲେନ୍ସର ଆଣି ଗାଡ଼ିରେ ଲଗାଇବା ପରେ ଗାଡି ଛଡ଼ାଯିବ ବୋଲି ଟାଉନଥାନା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର ପ୍ରକାଶ କରିଛନ୍ତି।

## ଡିନାମାଇଟ ବିସ୍ଫୋରଣରେ ମତ୍ସ୍ୟଜୀବୀଙ୍କ ପାପୁଲି ଛିଡ଼ିଲା

**ଦେବଗଡ଼, ୪।୬(ସମିସ):** ବାରକୋଟ ବ୍ଲକ ବିଜୟନଗର ପଞ୍ଚାୟତ ଅନ୍ତର୍ଗତ ଗୋପାଳପାଲି ନାଳରେ ଡିନାମାଇଟ ବିସ୍ଫୋରଣ କରି ମାଛ ମାରୁଥିବା ବେଳେ ଜଣେ ମତ୍ସ୍ୟଜୀବୀ ଗୁରୁତର ହୋଇଛନ୍ତି। ସେ ହେଲେ ବିଜୟନଗର ଗ୍ରାମର ସଞ୍ଜୟ ବିରୁଆ(୩୨)। ସଞ୍ଜୟ ଆଜି ଗୋପାଳପାଲି ନାଳକୁ ଯାଇ ଡିନାମାଇଟ ବିସ୍ଫୋରଣ କରି ମାଛ ମାରୁଥିବାବେଳେ ଅସାବଧାନତା ବଶତଃ ଏହା ହାତରେ ଫୁଟି ଯାଇଥିଲା। ଫଳରେ ତାଙ୍କର ଡାହାଣ ହାତର ପାପୁଲି ଛିଣ୍ଡିଯିବା ସହ ସେ ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ଘଟଣା ସ୍ଥଳରୁ ସଞ୍ଜୟଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ପ୍ରଥମେ ବାରକୋଟ ମେଡିକାଲ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ମାତ୍ର ଅବସ୍ଥା ସଙ୍କଟାପନ୍ନ ହେବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ ବୁର୍ଲା ଡାକ୍ତରଖାନାକୁ ପଠାଯାଇଛି।

## ପ୍ରଗତି ନାୟକ କଳାହାଣ୍ଡି କଂଗ୍ରେସ ମହିଳା ସେଲ ସଭାନେତ୍ରୀ

**ଭବାନୀପାଟଣା, ୩।୬(ସମିସ):** ଓଡ଼ିଶା ପ୍ରଦେଶ କଂଗ୍ରେସ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନୀପତି ରାଜ୍ୟର ବିଭିନ୍ନ ଜିଲ୍ଲାର ମହିଳା ସେଲ ସଭାନେତ୍ରୀଙ୍କ ନାମ ଘୋଷଣା କରିଛନ୍ତି। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ପାଇଁ କଂଗ୍ରେସ ମହିଳା ସେଲ ସଭାନେତ୍ରୀ ଭାବେ ପ୍ରଗତି ନାୟକଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି। ଯାହାକୁ ନେଇ ଜିଲ୍ଲା କଂଗ୍ରେସ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଛି। ଏହା ପୂର୍ବରୁ ପ୍ରଗତି ରାଜ୍ୟ ସାଧାରଣ ସମ୍ପାଦିକା ଭଳି ପଦବୀରେ ରହି କାର୍ଯ୍ୟକୁ ଦକ୍ଷତାର ସହ ପରିଚାଳନା କରି ଲୋକଙ୍କ ପ୍ରିୟ ଭାଜନ ହୋଇପାରିଥିଲେ। ଆଗାମୀ ଦିନରେ ଜିଲ୍ଲାର ମହିଳା ସଂଗଠନକୁ ସୁଦୃଢ଼ କରିବା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଅବହେଳା ଓ ଦୁର୍ନୀତିକୁ ନେଇ ସ୍ୱର ଉତ୍ତୋଳନ କରିବେ ବୋଲି ଜିଲ୍ଲା ସଭାନେତ୍ରୀ ନାୟକ ପ୍ରକାଶ କରିଛନ୍ତି।

**ଓପିଜିସିର ଉଲ୍ଲେଖନୀୟ ପିଏଲ୍ଏଫ୍ ପ୍ରଦର୍ଶନ**

## ରାଜ୍ୟ ସରକାରୀ ସ୍ତରରେ ଓପିଜିସି ପ୍ରଥମ

**ଇବଥର୍ମାଲ, ୪।୬(ସମିସ):** ଝାରସୁଗୁଡ଼ା ଜିଲ୍ଲା ବନହରପାଲି ସ୍ଥିତ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଓପିଜିସି ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଅନ୍ୟମାନଙ୍କ ତୁଳନାରେ ନିଜର କ୍ରମାଗତ ଉନ୍ନତି ପ୍ରଦର୍ଶନ ଧାରା ଜାରି ରଖିଛି। ୨୦୦୬ ମଧ୍ୟରେ ଦେଶରେ ଥିବା ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଗୁଡିକ ମଧ୍ୟରେ ଓପିଜିସି ପ୍ରଥମ ସ୍ଥାନ ଅଧିକାର କରିଛି। ଓପିଜିସିର ବିଶେଷ ସଫଳତା ମଧ୍ୟରେ ଦେଶରେ ଥିବା ସରକାରୀ ଅଧିନସ୍ଥ ବିଦ୍ୟୁତକେନ୍ଦ୍ର ମଧ୍ୟରେ ପ୍ରଥମ ସ୍ଥାନ, ଜାତୀୟ ସ୍ତରରେ ସମସ୍ତ ସରକାରୀ ଓ ବେସରକାରୀ କର୍ମଚାରୀ ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ମଧ୍ୟରେ ୧୦ମ ସ୍ଥାନ, ଦେଶରେ ଥିବା ୧୦୦୦ ମେଗାୱାଟରୁ ଅଧିକ କ୍ଷମତା ସମ୍ପନ୍ନ ବିଦ୍ୟୁତ ଉତ୍ପାଦନ କେନ୍ଦ୍ରଙ୍କ ମଧ୍ୟରେ ୬ଷ୍ଠ ସ୍ଥାନରେ ରହିଛି। ଏହି ସଫଳତା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ (ଓପିଜିସି)ର ରାଜ୍ୟ ଓ ଦେଶ ପାଇଁ ସମର୍ପିତ ନିରବଚ୍ଛିନ୍ନ ବିଦ୍ୟୁତ୍ ଯୋଗାଣ ଦିଗରେ ଦାଇତ୍ୱ ବୋଝକୁ ପ୍ରତିଫଳିତ କରୁଥିବା ଓପିଜିସି ପକ୍ଷରୁ ଏକ ପ୍ରେସ ବିବୃତିରେ ସୂଚିତ କରାଯାଇଛି।



